୨୦ ଜୁଲାଇ ୨୦୨୫ ରବିବାର



# ଆକସ୍ମିକ ବନ୍ୟା



ଜୁଲାଇ ୪ରୁ ବିଶ୍ୱର ବିକଶିତ ରାଷ୍ଟ୍ର ଆମେରିକା ଭୋଗୁଛି ବନ୍ୟା ବିଭୀଷିକା । ଆମେରିକାର ମଧ୍ୟ ଟେକ୍ସାସରେ ଦେଖିବାକୁ ମିଳିଥିବା ଆକସ୍ମିକ ବନ୍ୟା ସମସ୍ତଙ୍କ ପାଇଁ ଏକ ବିପଦର ଘଣ୍ଟି ବଜାଇଛି । ଜୁଲାଇ ୪, ୨୦୨୫ରେ ଟେକ୍ସାସରେ ଦେଖାଯାଇଥିବା ଏହି ବନ୍ୟା କିଛି ସପ୍ତାହ ଧରି ଆମେରିକାରେ ତାଣ୍ଡବ ରଚି ଚାଲିଛି । ଏଥିରେ ୧୩୪ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଲୋକ ନିଖୋଜ ଅଛନ୍ତି । ସାରା ଅଞ୍ଚଳ ପାଣିରେ ଉବୁଟୁବୁ ହେଉଥିବାର ଦେଖିବାକୁ ମିଳୁଛି । ବିଶ୍ୱର ଏକ ବିକଶିତ ତଥା ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରର ଏଭଳି ଆକସ୍ମିତ ବନ୍ୟା ଅନେକ ଚର୍ଚ୍ଚାର କାରଣ ସାଜିଛି । ଏକ ଖୁବ କମ ବେଗରେ ଗତି କରୁଥିବା ଝଡ କାରଣରୁ ଆମେରିକାର ଟେକ୍ସସାସରେ ଦେଖିବାକୁ ମିଳିଥିଲା ଖୁବ ଅଧିକ ପରିମାଣରେ ବର୍ଷା । ଆମେରିକାର ଯେଉଁ ଅଞ୍ଚଳରେ ଏହି ବର୍ଷା ଦେଖିବାକୁ ମିଳିଛି ସେହି ଅଞ୍ଚଳରେ ଖୁବ ଅଧିକ ପାହାଡ, ସମତଳ ଅଞ୍ଚଳ, ନଦୀ କୂଳ ସବୁ ପ୍ରକାର ଜିନିଷ ରହିଛି । ଏହି ବାଦଲ ଫଟା ବର୍ଷା କାରଣରୁ ସେ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଆକସ୍ମିକ ବନ୍ୟା । ତେବେ ଏହି ବନ୍ୟାର ସବୁଠାରୁ ଦୁଃଖ ବିଷୟଥିଲା ଏକ ସମର କ୍ୟାମ୍ପ ଏହି ବନ୍ୟାରେ ଭାସିଯିବା । ଗୁଆଡାଲ୍ୟୁପ ନଦୀ କୂଳରେ ଏହି କ୍ୟାମ୍ପଟି ପଡିଥିଲା ଯେଉଁଥିରେ ଅନେକ ଛୋଟ ପିଲାଙ୍କ ସହିତ ଶିକ୍ଷକମାନେ ସାମିଲ ଥିଲେ । ଏହି କ୍ୟାମ୍ପର ଏକାଧିକ ଲୋକ ବର୍ତ୍ତମାନ ସୁଦ୍ଧା ନିଖୋଜ ଥିବା ମଧ୍ୟ ସୂଚନା ମିଳିଛି । ଗତ ୧୦୦ ବର୍ଷରେ ଏପରି ବନ୍ୟା ଆମେରିକାରେ ଆସିନଥିବା ନେଇ ଅନେକ ଲୋକ ଆଲୋଚନା କରୁଛନ୍ତି । ଏହି ବନ୍ୟା ସ୍ଥିତି ଖୁବ ଗମ୍ଭୀର ରହିଛି, ଯାହା ସମସ୍ତଙ୍କୁ ବ୍ୟଥିତ କରିଛି ।

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

ମଧ୍ୟ ଟେକ୍ସାସକୁ ଆକସ୍ମିକ ବନ୍ୟାର ସ୍ଥଳ ବୋଲି ବିବେଚନା କରାଯାଇଥାଏ । ଏଠିକାର ଖାଲ ଭୂମି, ଉଷ୍ଣକଟିବନ୍ଧୀୟ ଆର୍ଦ୍ରତା ଏବଂ ଧୀର ବେଗରେ ଗତି କରୁଥିବା ଝଡ କାରଣରୁ ଏଠାରେ ସବୁବେଳେ ବିଶେଷଭାବେ ଜୁଲାଇ ମାସରେ ଅଧିକ ବର୍ଷା ହୋଇଥାଏ ।



**ଆମେରିକାର ବନ୍ୟା ବର୍ତ୍ତମାନ ବିଶ୍ୱର ସମସ୍ତ ପରିବେଶବିଦ୍‌ଙ୍କର ନିଦ ହଜାଇଛି । ଏହାକୁ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବୋଲି ଆକଳନ କରିବା ଆରମ୍ଭ ହୋଇଛି । ସମଗ୍ର ବିଶ୍ୱସ୍ତରରେ ବର୍ତ୍ତମାନ ପରିବେଶପାଇଁ ଦୃଢ ପଦକ୍ଷେପ ନନେଲେ ମଣିଷ ସମାଜ ଗଭୀର ସମସ୍ୟାରେ ପଡିବ ବୋଲି ପରିବେଶବିଦ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି ।**






ହେଲେ ଚଳିତଥର ହୋଇଥିବା ବର୍ଷାକୁ ସ୍ଥାନୀୟ ପାଣିପାଗ ବିଜ୍ଞାନୀ କିଛି ଭିନ୍ନ ବୋଲି ଦର୍ଶାଇଛନ୍ତି । ଚଳିତଥର କେରଭିଲ୍‌ରେ ମାତ୍ର ୩ ଘଣ୍ଟାରେ ପାଖାପାଖି ୨୫ ସେମି ବର୍ଷା ହୋଇଥିବା ଜଣା ପଡିଛି । ଏହା ଅନ୍ୟଦିନରେ ବଢିଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ଏହି ବର୍ଷା କାରଣରୁ ଗୁଆଡାଲ୍ୟୁପ ନଦୀ ୨ ମିଟରରୁ ୯ ମିଟର ପର୍ଯ୍ୟନ୍ତ ବଢିଥିଲା । ଯାହା ରେକର୍ଡରେ ଦ୍ୱିତୀୟ ନମ୍ବରରେ ରହିଛି । ବିଗତ କିଛି ବର୍ଷ ହେବ ବୈଜ୍ଞାନିକମାନେ ପାଣିପାଗ ପରିବର୍ତ୍ତନକୁ ଆକସ୍ମିକ ବନ୍ୟାର କାରଣ ବୋଲି ସୂଚାଇ ଆସୁଛନ୍ତି । ଏହା କେବଳ ଆମେରିକା ନୁହେଁ ସାରା ବିଶ୍ୱରେ ବିଭିନ୍ନ ଦେଶ ଉପରେ ଏହାର ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସମୟରେ ହେଉଥିବା ପାଣିପାଗ ଗବେଷଣାରେ ମିଳୁଥିବା ତଥ୍ୟ ଅନୁସାରେ ଗରମ ସମୁଦ୍ର ଓ ଆଦ୍ର ପରିବେଶ ଏଭଳି ଝଡକୁ ଖାଦ୍ୟ ଯୋଗାଉଛି । ଯାହାଫଳରେ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏଭଳି ବାଦଲ ଫଟା ବର୍ଷା ହେଉଛି, ଏବଂ ଯେଉଁ କାରଣରୁ ଆକସ୍ମିକ ବନ୍ୟାର ସ୍ଥିତି ଉପୁଜୁଛି । ଏଭଳି ସ୍ଥିତି ୟୁରୋପରୁ ଆମେରିକା ବ୍ୟାପିବାରେ ଲାଗିଛି । ବିଗତ ବର୍ଷ ଗବେଷକମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ୟୁରୋପରେ ହୋଇଥିବା ଆକସ୍ମିକ ବନ୍ୟା ନେଇ ଅବଗତ କରାଇଥିଲେ । ପୂର୍ବ ବର୍ଷ ଗ୍ରୀସରେ ଖୁବ ଅଧିକ ପରିମାଣରେ ବନ୍ୟା ଓ ବର୍ଷା ଦେଖିବାକୁ ମିଳିଥିଲା । ଜଳବାୟୁ ପରିବର୍ତ୍ତନ କାରଣରୁ ପାଣିପାଗରେ ଖୁବ ପରିବର୍ତ୍ତନ ଘଟୁଛି ଯାହା ଏଭଳି ଭୟଙ୍କର ଆକସ୍ମିକ ବାତ୍ୟାର କାରଣ ସାଜୁଛି । ଜଳବାୟୁ ପରିବର୍ତ୍ତନ କାରଣରୁ ବାୟୁମଣ୍ଡଳରେ ଉଷ୍ମତା ଦେଖିବାକୁ ମିଳୁଛି । ଯାହାଫଳରେ ଏଥିରେ ଅଧିକ ପରିମାଣରେ ଆଦ୍ରତା ମଧ୍ୟ ରହୁଛି ଯାହା ବର୍ଷାର କାରଣରୁ ସାଜୁଛି । ଏଭଳି ପାଣିପାଗ ସ୍ଥିତି ସାରା ବିଶ୍ୱରେ ଦେଖିବାକୁ ମିଳୁଛି । ଯାହା ସାଧାରଣତଃ ଆଗରୁ ଦେଖିବାକୁ ମିଳୁନଥିଲା ।

## ତଥ୍ୟ ଦେବାରେ ହୋଇଥିଲା ଅସୁବିଧା

ଆକସ୍ମିକ ବନ୍ୟା ସମୟରେ ଜନସାଧାରଣଙ୍କୁ ସଚେତନ କରାଇବା ଓ ସୂଚନା ପ୍ରଦାନ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇଥାଏ । ଆମେରିକାରେ ସରକାର ଓ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ମୋବାଇଲକୁ କୌଣସି ବିପଦ ସମୟରେ ଆଲର୍ଟ ମେସେଜ ଯାଇଥାଏ । ହେଲେ ଯେତେବେଳେ ଝଡର ଗତି ଖୁବ କମ ବେଗରେ ହୋଇଥାଏ, ସେତେବେଳେ ବର୍ଷାର ପରିମାଣ ମାପିବା କଷ୍ଟ ହୋଇଥାଏ । କେଉଁ ସ୍ଥାନରେ କେତେ ପରିମାଣରେ ବର୍ଷା ହେବ ତାହାକୁ ମାପିବା କଷ୍ଟ ହୋଇଥାଏ । ଏହି କାରଣରୁ ଜନସାଧାରଣଙ୍କୁ ସଚେତନ କରିବାରେ ଆମେରିକା ପ୍ରଶାସନ ଫେଲ ମାରିଥିବା ଚର୍ଚ୍ଚା ହେଉଛି । ପୂର୍ବରୁ ମଧ୍ୟ ଲୋକମାନେ ଏଭଳି ଅଭିଯୋଗ ଆଣି ସାରିଛନ୍ତି ।

## ଆକସ୍ମିକ ବନ୍ୟା

ଆମେରିକାରେ ଆକସ୍ମିକ ବନ୍ୟା ଦେଖିଯିବା ପରେ ଏହାକୁ ନେଇ ଖୁବ ଚର୍ଚ୍ଚା ଦେଖିବାକୁ ମିଳୁଛି । ଆକସ୍ମିକ ବନ୍ୟାର ଅର୍ଥ ହଠାତ୍ କିଛି ତଳିଆ ଅଞ୍ଚଳରେ ପାଣି ମାଡିଯିବା । ଅନେକ ସମୟରେ ଏହାର କାରଣ ଭାବେ ଅତ୍ୟଧିକ ବର୍ଷା, ଧୀର ବେଗରେ ଗତି କରୁଥିବା ଝଡ, ଗ୍ଲେସିଅର ତରଳିବା ଆଦିକୁ କାରଣ ଭାବେ ନିଆଯାଇଥାଏ । ଏହି ବନ୍ୟାଗୁଡିକ ଅନେକ କ୍ଷୟକ୍ଷତିର କାରଣ ସାଜିଥାଏ । ଏହି ଆକସ୍ମିକ ବନ୍ୟା ଗୁଡିକ ସାଧାରଣ ବନ୍ୟା ଠାରୁ ଭିନ୍ନ ହୋଇଥାଏ । ବେଳେବେଳେ ଆକସ୍ମିକ ବନ୍ୟା ଖୁବ କମ ସମୟ ପାଇଁ ଦେଖିବାକୁ ମିଳିଥାଏ । ଏପରିକି କିଛି ଘଣ୍ଟା ଭିତରେ ମଧ୍ୟ ପାଣି ଛାଡୁଥିବାର ଉଦାହରଣ ଦେଖିବାକୁ ମିଳିଛି । ବର୍ଷା ଛାଡିବା ପରେ ଏହି ବନ୍ୟା ପାଣି କମିଯାଉଥିବାର ଦେଖିବାକୁ ମିଳେ । ଏହି ବନ୍ୟାରେ ଅନେକ କ୍ଷୟକ୍ଷତି ହେଉଥିବାର ନଜର ରହିଛି । ଆକସ୍ମିକ ବନ୍ୟାରେ









ପ୍ରତିବର୍ଷ ଆମେରିକାରେ ଅନେକ କ୍ଷୟକ୍ଷତି ହେଉଥିବାର ସୂଚନା ରହିଛି । ଏଠାରେ ବିଜୁଳି, ଝଡ ଅପେକ୍ଷା ଆକସ୍ମିକ ବନ୍ୟାରେ ଅଧିକ ସମସ୍ୟା ଉପୁଜିଥାଏ । ଏପରିକି ଲୋକମାନଙ୍କର ମୃତ୍ୟୁ ହେଉଥିବାର ମଧ୍ୟ ସୂଚନା ରହିଛି । ଏପରିକି ଏହି ବନ୍ୟା କାରଣରୁ ଚାଷ ଯମିରେ ମଧ୍ୟ ଜଳ ମାଡିଯାଇଥାଏ, ଯେଉଁ କାରଣରୁ ଚାଷକାର୍ଯ୍ୟ ନଷ୍ଟ ହୋଇଥାଏ ।

## କାରଣ

ସାଧାରଣତଃ ଆକସ୍ମିକ ବନ୍ୟା ଶୁଷ୍କ ଅଞ୍ଚଳରେ ଦେଖିବାକୁ ମିଳିଥାଏ, ସେଠାରେ ହଟାତ୍ ପାଣିପାଗରେ ପରିବର୍ତ୍ତନ ଘଟିବା କାରଣରୁ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ତେବେ କେବଳ ଶୁଷ୍କ ଅଞ୍ଚଳ ନୁହେଁ ଜ୍ୱାଳାମୁଖୀ ପାଖ ଅଞ୍ଚଳ, ସେହିଭଳି ଅତ୍ୟଧିକ ତାପମାତ୍ରା କାରଣରୁ ତରଳୁଥିବା ଗ୍ଲେସିଅର ମଧ୍ୟ ଆକସ୍ମିକ ବନ୍ୟାର କାରଣ ସାଜିଥାଏ । ଯୁକ୍ତରାଷ୍ଟ୍ରର ସର୍ବୋଚ୍ଚ ପର୍ବତମାଳାରେ ଆକସ୍ମିକ ବନ୍ୟା ଘଟୁଥିବାର ଉଦାହରଣ ରହିଛି । ସେହିଭଳି ଦକ୍ଷିଣ – ପଶ୍ଚିମ ଯୁକ୍ତରାଷ୍ଟ୍ରର ଶୁଷ୍କ ସମତଳ ଅଞ୍ଚଳରେ ମଧ୍ୟ ଏହା ସାଧାରଣ ଘଟଣା । ଘୂର୍ଣ୍ଣିବାତ୍ୟା ଏବଂ ଅନ୍ୟାନ୍ୟ ଉଷ୍ଣକଟିବନ୍ଧ ଦ୍ୱାରା ନିର୍ଗତ ବ୍ୟାପକ ବର୍ଷା ମଧ୍ୟ ଆକସ୍ମିକ ବନ୍ୟାର କାରଣ ସାଜିଥାଏ । ସେହିଭଳି କିଛିମାତ୍ରାରେ ମନୁଷ୍ୟ ସମାଜର କାର୍ଯ୍ୟକଳାପ ମଧ୍ୟ ଆକସ୍ମିକ ବନ୍ୟାର କାରଣ ସାଜିଥାଏ ।

## ପ୍ରଭାବ

କିଛି ସ୍ଥାନରେ ଦେଖିବାକୁମିଳେ ଲୋକମାନେ ଆକସ୍ମିକ ବନ୍ୟାକୁ ଏତେ ଗମ୍ଭୀରଭାବେ ନେଇ ନଥାଆନ୍ତି, ଯାହା ଏହାର ଭୟାବହତାକୁ ବଢାଇଥାଏ । ଏହି ଅସାବଧାନତା କାରଣରୁ ଅନେକଲୋକ ନିଜ ପ୍ରାଣ ହରାଇଥାଆନ୍ତି । ସେହିଭଳି ଏହି କାରଣରୁ ଅନେକ କ୍ଷୟକ୍ଷତି ମଧ୍ୟ ଲୋକମାନେ ସହିଥାଆନ୍ତି । ଆକସ୍ମିକ ବନ୍ୟା ମନୁଷ୍ୟକୃତ ନିର୍ମାଣ ଓ ପ୍ରାକୃତିକ ପରିବେଶ ଉଭୟଙ୍କ ଉପରେ ଗମ୍ଭୀର ପ୍ରଭାବ ପଡିଥାଏ । କୋଠା ଏବଂ ଭିତ୍ତିଭୂମିରେ କ୍ଷତିଠାରୁ ଆରମ୍ଭ କରି ଉଦ୍ଭିଦ, ମାନବ ଜୀବନ ଓ ପଶୁ ପାଳନ ଉପରେ ପ୍ରଭାବ ପକାଇଥାଏ । ବିଶେଷଭାବେ ଆକସ୍ମିକ ବନ୍ୟା ରାତି ସମୟରେ ବେଶି କ୍ଷତିକାରକ ହୋଇଥାଏ । ଏହି ସମୟରେ ମୃତ୍ୟୁ ସଂଖ୍ୟା ବଢିବାର ଭୟ ମଧ୍ୟ ବେଶି ରହିଥାଏ । ଏହି ସମୟରେ ଲୋକମାନେ ସଚେତନ ନରହିବା ଏହାର ପ୍ରାଥମିକ କାରଣ । ପ୍ରଭାବିତ ଉପାଦାନଗୁଡ଼ିକ ଉପରେ ନିର୍ଭର କରି, ବନ୍ୟା ପ୍ରଭାବକୁ ୪ଟି ବର୍ଗରେ ବିଭକ୍ତ କରାଯାଇଛି, ପରିବେଶ ଉପରେ ପ୍ରଭାବ, ମାନବ ନିର୍ମିତ ଚଳନ୍ତା ବସ୍ତୁ ଉପରେ ପ୍ରଭାବ, ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ଏବଂ ଜନସଂଖ୍ୟା ଉପରେ ପ୍ରଭାବ । ଆକସ୍ମିକ ବନ୍ୟା ଦ୍ରୁତ ମୃତ୍ତିକା କ୍ଷୟ ସୃଷ୍ଟି କରିପାରେ, ଯାହାର ପ୍ରଭାବ ଚାଷ କାର୍ଯ୍ୟ ଉପରେ ଖୁବ ଅଧିକ ପଡିଥାଏ । ସୂଚନା ଅନୁସାରେ ନୀଳ ନଦୀ ଡେଲ୍ଟା ଅବଶେଷର ଥିବା ଅଧିକାଂଶ ମରୁଭୂମି ଅଞ୍ଚଳରେ ଆକସ୍ମିକ ବନ୍ୟା












ଦେଖାଦେଇଥାଏ । କିଛି ଆର୍ଦ୍ରଭୂମି ଉଦ୍ଭିଦ, ଯେପରିକି କିଛି ପ୍ରକାରର ଧାନ, ହଠାତ୍ ବନ୍ୟା ସହ୍ୟ କରିବା ପାଇଁ ଉପଯୁକ୍ତ ହୋଇଥାନ୍ତି ।  ହେଲେ ଶୁଷ୍କ ଅଞ୍ଚଳରେ ବଢ଼ିଥିବା ଉଦ୍ଭିଦଗୁଡ଼ିକ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇପାରେ, କାରଣ ପ୍ରଚୁର ପରିମାଣର ପାଣି ଦ୍ୱାରା ଗଛଗୁଡ଼ିକ ନଷ୍ଟ ହୋଇପାରନ୍ତି ।

## ଭାରତରେ ଆକସ୍ମିକ ବନ୍ୟା

ଭାରତରେ ଅନେକ ରାଜ୍ୟ ରହିଛନ୍ତି ଯେଉଁମାନେ ସବୁବେଳେ ଆକସ୍ମିକ ବନ୍ୟା କାରଣରୁ କ୍ଷତିଗ୍ରସ୍ତ ହୋଇ ଥାଆନ୍ତି । ତେବେ ୨୦୨୫ରେ ମଧ୍ୟ ଏଭଳି କିଛି ଆକସ୍ମିକ ବନ୍ୟା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ହିମାଚଳ ପ୍ରଦେଶ ଓ ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଆକସ୍ମିକ ବନ୍ୟା ଦେଖିବାକୁ ମିଳିଥିଲା । ବାଦଲ ଫଟା ବର୍ଷା ଏହାର ମୁଖ୍ୟ କାରଣ ରହିଥିଲା । ଏହି ଆକସ୍ମିକ ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଆସାମ ଓ ମଣିପୁର ହୋଇଥିଲା । ଏହି ଅଞ୍ଚଳରେ କ୍ରମନ୍ୱୟରେ ୫୬୦,୦୭୨ ଓ ୧୬୪,୭୮୯ ଲୋକ ପ୍ରଭାବିତ ହୋଇଥିଲେ । ହିମାଚଳରେ ଆକସ୍ମିକ ବନ୍ୟା ସହିତ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ କେବଳ ଏହି ଦୁଇ ରାଜ୍ୟ ନୁହେଁ ଅନେକ ଏଭଳି ରାଜ୍ୟ ରହିଛି ଯେଉଁଠାରେ ଆକସ୍ମିକ ବନ୍ୟାର ଭୟବହତା ଦେଖିବାକୁ ମିଳିଛି ।


▶ ଉତ୍ତର ପୂର୍ବ ରାଜ୍ୟ ଯଥା ମଣିପୁର ଓ ଆସାମରେ ସବୁଠାରୁ ଅଧିକ ଭୟଙ୍କର ଆକସ୍ମିକ ବନ୍ୟା ଦେଖିବାକୁ ମିଳିଥିଲା । ଏଥିରେ ଅନେକ ଲୋକଙ୍କର ମୃତ୍ୟୁ ହେବାସହ ଶତାଧିକ ନିଖୋଜ ହୋଇଥିଲେ । ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଥିପାଇଁ ଖୁବ କଷ୍ଟ କରିଥିଲେ । ଅନେକ ଲୋକଙ୍କର ଘର, ଚାଷ ଯମିରେ ନଷ୍ଟ ହୋଇଯାଇଥିଲା ।

▶ ଅନ୍ୟ ଏକ ରାଜ୍ୟ ହିମାଚଳ ପ୍ରଦେଶ ଯେଉଁଠାରେ ମଧ୍ୟ ଆକସ୍ମିକ ବନ୍ୟା ଅନେକ କ୍ଷୟକ୍ଷତି ଘଟାଇଛି । ବିଶେଷଭାବେ ମଣ୍ଡି, କୁଲୁ ଭଳି ଜିଲ୍ଲାରେ ଗମ୍ଭୀର କ୍ଷତି ହୋଇଥିବା ଦେଖିବାକୁ ମିଳିଛି । ଲୋକମାନେ ଯେପରି ବାହାର ଅଞ୍ଚଳରୁ ବିଚ୍ଛିନ୍ନ ହୋଇଯାଇଥିଲେ । ଅନେକଙ୍କୁ ନିଜର ଜୀବନଯାକର ଯମା ପୁଞ୍ଜି ହରାଇବାକୁ ପଡିଥିଲା । ଲୋକମାନେ ଅନେକଦିନ ପାଣିଘରରରେ ରହିବା ସହିତ ଅନେକ ଦୁର୍ଦ୍ଦଶା ଭୋଗିଥିଲେ ।

▶ ସେହିଭଳି ଆଉ ଏକ ରାଜ୍ୟହେଲା ଝାରଖଣ୍ଡ ଯେଉଁଠି ଭୀଷଣ ବନ୍ୟା ଦେଖିବାକୁ ମିଳିଥିଲା । ଏଠାରେ ଭୀଷଣ ବର୍ଷା କାରଣରୁ ବନ୍ୟା ସୃଷ୍ଟି ହୋଇଥିଲା, ଯେଉଁଥିଲେ ଅନେକ କ୍ଷତି ହୋଇଥିଲା । ଏହି ବନ୍ୟାରେ ସ୍ଥାନୀୟ ଲୋକଙ୍କର ଅନେକ କ୍ଷୟକ୍ଷତି ହୋଇଥିବାର ସୂଚନା ରହିଛି । ଏଠିକାର ବିଭିନ୍ନ ଜିଲ୍ଲାରେ ଏହି ସ୍ଥିତି ଦେଖିବାକୁ ମିଳିଥିଲା ।

## ଓଡ଼ିଶା

ଓଡ଼ିଶା ଏକ ବନ୍ୟା ପ୍ରବଣ ଅଞ୍ଚଳ । ଏଠାରେ ପ୍ରତିବର୍ଷ ବିଭିନ୍ନ ନଦୀରେ ବନ୍ୟା ଆସୁଥିବାର ଦେଖିବାକୁ ମିଳିଥାଏ । ପ୍ରତିବର୍ଷ ବର୍ଷାଦିନେ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇଥାଏ । ଯାହା ଫଳରେ ବିଭିନ୍ନ ଜିଲ୍ଲାର ନଦୀ କୂଳିଆ ଲୋକମାନେ ଖୁବ ସମସ୍ୟାର ସାମନା କରନ୍ତି । ପ୍ରତିବର୍ଷ ଏହି ପରିସ୍ଥିତି ଦେଖିବାକୁ ମିଳିଥାଏ । ଚଳିତ ବର୍ଷ ମଧ୍ୟ ଓଡ଼ିଶାର କିଛି ସ୍ଥାନରେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିଲା । ପାଖାପାଖି ୫୦ ହଜାରରୁ ଅଧିକ ଲୋକମାନେ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟାରେ ପ୍ରଭାବିତ ହୋଇଥିବା ସୂଚନା ରହିଛି । ଯାହାପ୍ରଭାବରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅନେକ ଲୋକ ପ୍ରଭାବିତ ହୋଇଥିଲେ । ବାଲେଶ୍ୱର ଅନେକ ବ୍ଲକ ଯେପରି ଭୋଗରାଇ,ବାଲିଆପାଳ, ବସ୍ତ୍ର ଆଦି ବ୍ଲକ୍‌ରେ ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗିଥିଲେ । କେବଳ ବାଲେଶ୍ୱର ନୁହେଁ ଅନ୍ୟ ଜିଲ୍ଲାରେ ମଧ୍ୟ ଆକସ୍ମିକ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଥିଲା ।




# ହାଇଡ୍ରା ଫେସିଆଲ୍

**ଆଜିକାଲି ସମସ୍ତେ ଚାହାନ୍ତି ସ୍ମୁଥ ସହ ବ୍ରାଇଟ୍ ସ୍କିନ୍ । ଏଥିପାଇଁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ବିୟୁଟି ଥେରାପିର ସହାୟତା ସମସ୍ତେ ନେଇଥାଆନ୍ତି । କିଏ ପାର୍ଲର ଯାଇ ନିଜକୁ ସଜାଉଥିବାବେଳେ କିଏ ନିଜ ସ୍କିନ୍‌ର ଟ୍ରିଟମେଣ୍ଟ କରିଥାଏ । ବର୍ତ୍ତମାନ ହାଇଡ୍ରା ଫେସିଆଲ ଟ୍ରେଣ୍ଡରେ ରହିଛି, ଯାହାକୁ ସମସ୍ତେ କରାଉଥିବାର ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା କଣ ଏହି ହାଇଡ୍ରା ଫେସିଆଲ ।**





ଏହା ଏକ ମଲ୍ଟିସ୍ଟେପ୍ ଫେସିଆଲ୍ ଟ୍ରିଟମେଣ୍ଟ ଯାହାକୁ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ମେସିନ୍ ସାହାଯ୍ୟରେ କରାଯାଇଥାଏ । ଏହି ମେସିନର ନାଁ ହାଇଡ୍ରାଫେସିଆଲ ଏମ୍‌ଡି । ଏହି ମେସିନ ଓ ଅନ୍ୟ ଉପକରଣ ବ୍ୟବହାର କରାଯାଇ ଏହାକୁ କରାଯାଇଥାଏ । ଯେଉଁଥିରେ କ୍ଲିନ୍‌ଜିଂ, ମସାଜ ଆଦି ଅନେକ ଷ୍ଟେପ ରହିଛି । ତେବେ ଏହା କରିବାପରେ ସଙ୍ଗେସଙ୍ଗେ ମୁହଁରେ ଗ୍ଲୋ ଆସିଥାଏ ବୋଲି ଏହାକୁ କରୁଥିବା ବ୍ୟକ୍ତି ଦାବି କରିଥାଆନ୍ତି ।

## ଷ୍ଟେପ୍

ଏହି ହାଇଡ୍ରା ଫେସିଆଲ୍‌କୁ ତିନୋଟି ଷ୍ଟେପ୍‌ରେ କରାଯାଇଥାଏ । ଯେଉଁଥିରେ କ୍ଲିନଂ, ପିଲ୍, ଏକ୍ସଟ୍ରାକ୍ଟ ଆଦି ସାମିଲ ଥାଏ । ଆସନ୍ତୁ ଜାଣିବା କଣ ଏହି ଷ୍ଟେପ୍ ଏବଂ କେଉଁଭଳି ଭାବେ ଏହାକୁ କରାଯାଇଥାଏ ।



କ୍ଲିନିଂ ଓ ପିଲ୍- ଏହା ହାଇଡ୍ରାଫେସିଆଲର ପ୍ରଥମ ଷ୍ଟେପ୍ । ଏହି ପ୍ରକ୍ରିୟା ସାହାଯ୍ୟରେ ପ୍ରଥମେ ଆମ ମୁହଁର ଚର୍ମରେ ଥିବା ସମସ୍ତ ଡେଡ୍ ସେଲ୍‌କୁ କଢାଯାଇଥାଏ । ଏହା ଫଳରେ ସ୍କିନ୍ ଉଜ୍ଜ୍ୱଳ ଦେଖାଯାଇଥାଏ । ମୁହଁ ସ୍କିନ୍‌ରେ ଥିବା ପୋର ଗୁଡିକ ଖୋଲିଯାଇଥାଏ, ଯାହା ଫଳରେ ମୁହଁ ସଫା ହୋଇଯାଇଥାଏ ।

## ହାଇଡ୍ରେଟ୍

କ୍ଲିନ୍ କରିବାପରେ ମୁହଁରେ ଥିବା ପୋର ଗୁଡିକ ଖୋଲିଯାଇଥାଏ । ଯାହାକୁ ମଏଶ୍ଚର ସାହାଯ୍ୟରେ ହାଇଡ୍ରେଟ୍ କରାଯାଇଥାଏ । ତେଣୁ ଏହାପରେ ମସାଜ୍ ଦିଆଯାଇଥାଏ । ଏହାପରେ ଶେଷକୁ ସେରମ ସାହାଯ୍ୟରେ ବୁଷ୍ଟର ଦିଆଯାଏ । ଏହାଦ୍ୱାରା ସ୍କିନ୍‌ରେ ଆହୁରି ଗ୍ଲୋ ଆସିଥାଏ । ତେବେ ଏହି ପ୍ରକ୍ରିୟା ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ଅଲଗା ହୋଇଥାଏ । କିଏକିଏ ଏହି ପ୍ରକ୍ରିୟା ଶେଷରେ ଏଲ୍‌ଇଡି ମାସ୍କ ସାହାଯ୍ୟରେ ମସାଜ ଦେଇଥାଆନ୍ତି । ତେଣୁ ହାଇଡ୍ରା ଫେସିଆଲ କରିବା ପୂର୍ବରୁ ଏହାର ପ୍ରକ୍ରିୟା ବିଷୟରେ ସବିଶେଷ ତଥ୍ୟ ନିଅନ୍ତୁ ଏବଂ ଏହାପରେ କରନ୍ତୁ ।

## ଉପକାର

ଏହା କରିବା ଦ୍ୱାରା ସ୍କିନ୍ ସଫ୍ଟ ହେବା ସହ ଉଜ୍ଜ୍ୱଳ ହୋଇଥାଏ । ଏହି ପ୍ରକ୍ରିୟା ମୁହଁକୁ ସଫା କରୁଥିବାରୁ ଏହା ଆମ ଚର୍ମ ପାଇଁ ଭଲ ଅଟେ । ତଥାପି ଏହାର ସାଇଡ୍ ଇଫେକ୍ଟ ମଧ୍ୟ ରହିଛି ତେଣୁ ଏହାକୁ କରିବା ପୂର୍ବରୁ ନିଜର ସ୍କିନ୍ ଡକ୍ଟରଙ୍କ ଠାରୁ ପରାମର୍ଶ ନିଅନ୍ତୁ । ଏହି ଟ୍ରିଟମେଣ୍ଟ କାରଣରୁ ଆମ ସ୍କିନ୍‌ର ହାଇଡ୍ରେସନ୍,ରେଡିଆନ୍ସ ଏବଂ ଟେକ୍ସଚର ଆଦିରେ ଉନ୍ନତି ଦେଖିବାକୁ ମିଳିଥାଏ । ଏହା ଆମ ସ୍କିନ୍‌କୁ ଖୁବ ହାଇଡ୍ରେଟ୍ କରିଥାଏ, ଯେଉଁ କାରଣରୁ ମୁହଁରେ ଚମକ ଆସିଥାଏ ।

## ସତର୍କତା

ହାଇଡ୍ରା ଫେସିଆଲ୍ ସବୁ ପ୍ରକାରର ସ୍କିନ୍ ପାଇଁ ନୁହେଁ । ଯଦି ଆପଣଙ୍କ ସ୍କିନ୍‌ରେ ସନବର୍ଣ୍ଣ, ରାସ୍ କିମ୍ବା କିଛି ଆଲର୍ଜି ଥାଏ, ତେବେ ଏହା କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଗର୍ଭବତୀଙ୍କୁ ମଧ୍ୟ ଏହା କରିବାକୁ ମନା । ଏଥିରେ ବ୍ୟବହାର ହେଉଥିବା କେମିକାଲ କାଳେ ସେମାନଙ୍କୁ କୌଣସି ଅସୁବିଧାରେ ପକାଇବ ସେଥିପାଇଁ ଏହା ସେମାନଙ୍କୁ ମନା କରାଯାଇଥାଏ । ସେହିଭଳି ଏହା କରିବା ପୂର୍ବରୁ ନିଜ ସ୍କିନ୍‌କୁ ଭଲ କରି ଟେଷ୍ଟ କରି ଏହାପରେ ଏହି ଫେସିଆଲ୍‌କୁ କରନ୍ତୁ ।



ମୃଣାଳ
mrinalchatterjeeiimc@gmail.com

## ମାଛ

ପରିସଂଖ୍ୟାନ କହୁଛି ଆମ ଦେଶରେ ୭୦ ଶତାଂଶ ଲୋକ ଆମିଷ ଖାଆନ୍ତି । ଆମିଷ କହିଲେ ମାଛ, ମାଂସ, ଅଣ୍ଡା । ସବୁ ଆମିଷାଶୀ ସବୁ ପ୍ରକାର ଆମିଷ ଖାଇବେ, ଏମିତି କିଛି ଗ୍ୟାରେଣ୍ଟି ନାହିଁ । ମୋ ସ୍ତ୍ରୀ ମାଂସ, ଅଣ୍ଡା ଖାଆନ୍ତି ନାହିଁ, ମାଛ ଖାଆନ୍ତି । ମୋ ଭଣଜା ମାଛ ଖାଏ ନି, ସେଥିରେ ବହୁତ କଣ୍ଟା । ସେ ମାଂସ ଖାଏ । ଆମ ଦେଶରେ 'ତିଥି ବାର ଦେଖି ମାଂସାଶୀ – ଆମିଷାଶୀ' ଏମିତି ବହୁ ଲୋକ ଅଛନ୍ତି, ଯେମିତି ଶ୍ରାବଣ ମାସରେ ଅନେକେ ଆମିଷ ଖାଆନ୍ତି ନାହିଁ । ପୁଣି 'ଘରେ ଆମିଷାଶୀ, ବାହାରେ ମାଂସାଶୀ' – ଏମିତି ବହୁ ଲୋକ ବି ଅଛନ୍ତି । ତେବେ ମୋଟାମୋଟି ଭାବେ କହିଲେ ଭାରତର ସଂଖ୍ୟାଗରିଷ୍ଠ ଲୋକ ଆମିଷ ଖାଆନ୍ତି । ଆମିଷ ଭିତରେ ପୁଣି ମାଛ ବେଶୀ ଲୋକ ପସନ୍ଦ କରନ୍ତି । ଓଡ଼ିଆ, ବଙ୍ଗାଳି, କେରଳି, ତାମିଲ, ତେଲେଗୁ, ମରାଠୀ ମାଛ ଭଲ ପାଆନ୍ତି । ବିହାରର ଦରଭଙ୍ଗା, ମଧୁବନୀ ଦରଭଙ୍ଗା ଅଂଚଳ ମାଛପ୍ରିୟ । ଓଡ଼ିଆ, ବଙ୍ଗାଳି ଆବହମାନ କାଳରୁ ମାଛ ପ୍ରିୟ । ସେଥିପାଇଁ ଆମର ବହୁ କ୍ଷେତ୍ରରେ ଦେଖିବେ ମାଛ ପଶିଆସିଛି । ଆମେ ପକ୍ଷୀର ନାଁ ଦେଇଛୁ ମାଛରଙ୍କା । ଗୋଳମାଳ କେଉଁଠି ବେଶୀ ହେଲେ ଆମେ କହୁ 'ମାଛ ବଜାର' ବସିଛି କି ? ସୁନ୍ଦର ଆଖିକୁ ଆମେ ମିନାକ୍ଷୀ ବୋଲି କହୁ । ଆମ କଥନୀରେ ବି ପଶି ଆସିଛି ମାଛ । କଥାରେ ଅଛି: ମାଛ ଖାଇବ ଇଲିସି, ଚାକିରି କରିବ ପୁଲିସି । ଆମେ ବଡ଼ ମୁଣ୍ଡିଆଙ୍କୁ କହୁ 'ଗଭୀର ଜଳର ମାଛ' । ଅଳ୍ପରେ ଫଡଫଡ ହେଉଥିବା ଲୋକକୁ ତୁଳନା ହୁଏ: ଦଣ୍ଡିକିରି ମାଛ ସହିତ ।



# ଶ୍ରାବଣ ମାସ ଓ କାଉଡ଼ିଆ ଯାତ୍ରା



ଶ୍ରାବଣ ମାସ ଆରମ୍ଭ ହେବା ସହିତ କାଉଡିଆ ଯାତ୍ରା ଆରମ୍ଭ ହୋଇଗଲାଣି । ବାହୁଙ୍ଗିରେ ଜଳପୂର୍ଣ ଘଟ ନେଇ ହଜାର ହଜାର ଭକ୍ତ ଖାଲି ପାଦରେ ଚାଲି ଚାଲି ଶିବମନ୍ଦିରକୁ ଜଳ ଲାଗି କରିବାପାଇଁ ବାହାରିଲେଣି । ଆଗରୁ ଓଡ଼ିଶାରେ ମୁଖ୍ୟତଃ ପୁରୁଷମାନେ ଏ ଯାତ୍ରାରେ ଯାଉଥିଲେ । ଏବେ ମହିଳମାନେ ବି ବହୁ ସଂଖ୍ୟାରେ ଏ ଯାତ୍ରାରେ ସାମିଲ ହେଲେଣି । ବର୍ଷକୁ ବର୍ଷ କାଉଡ଼ିଆ ଯାତ୍ରାରେ ଭକ୍ତଙ୍କ ସଂଖ୍ୟା ଏବଂ ଏ ଯାତ୍ରାର ତାମଝାମ ବଢ଼ିବାରେ ଲାଗିଛି । ଏବେ ଦଳ ଦଳ ଯାତ୍ରୀମାନଙ୍କ ଆଗରେ ଛୋଟ ଛୋଟ ଟ୍ରକ ଯାଉଛି । ସେଥିରେ ମହାଦେବଙ୍କ ଭଜନ ବାଜୁଛି । ଏକଥା ଭିନ୍ନ ଯେ ବହୁ 'କାଉଡିଆ ଭଜନ' ଶୁଣିଲେ ତାହା 'ଭଜନ' ଭଳି ଆଦୌ ଲାଗେ ନାହିଁ । ଏ ଟ୍ରକରେ ରୋଷେଇବାସ ସାମଗ୍ରୀ ରହୁଛି । ବାଟରେ ଅଟକି ରୋଷେଇ ହେଉଛି । ଜଳ ଲାଗି ପରେ ଏଇ ଟ୍ରକରେ ବସି ଭକ୍ତମାନେ ଘରକୁ ବାହୁଡ଼ିବେ । ଭକ୍ତ ସଂଖ୍ୟା ଅଧିକ ହେବାରୁ ନାନା ପ୍ରକାର ସମସ୍ୟା କ୍ରମଶଃ ବଢ଼ୁଛି । ରାଜପଥରେ ଟ୍ରାଫିକ ସମସ୍ୟା, ଶିବମନ୍ଦିର ପାଖରେ ପରିମଳ ସମସ୍ୟା, ରେଳଷ୍ଟେସନରେ ଅତ୍ୟଧିକ ଭିଡ଼ ସମସ୍ୟା, ଇତ୍ୟାଦି । ଗୋଟେ କଥା ମୁଁ ବୁଝିପାରେନି, ଶିବମନ୍ଦିରରେ ଶିବଲିଙ୍ଗରେ ଜଳଲାଗି କରିବା ଯଦି ଏ ଯାତ୍ରାର ଉଦ୍ଦେଶ୍ୟ, ତେବେ ନିଜେ ଏତେ କଷ୍ଟ କରି, ଅନ୍ୟମାନଙ୍କୁ ଏତେ କଷ୍ଟ ଦେଇ – ଏତେ ଦୂର ଚାଲିବା କ'ଣ ଦରକାର ? ଘର ପାଖାପାଖି ଶିବ ମନ୍ଦିରକୁ ଗଲେ ହୁଅନ୍ତା ! ଅଲଗା ଅଲଗା ମନ୍ଦିରରେ ଅଲଗା ଅଲଗା ଠାକୁର ତ ରହୁନାହାନ୍ତି । ଠାକୁର ତ ସମାନ ।

## ଆମେ

ଆମେ ଯେଉଁମାନେ ୬୦-୭୦ ଦଶକରେ ଜନ୍ମ ହୋଇଛୁ – ଆମେ ପିଲା ଥିଲାବେଳେ ବଡ଼ମାନେ ଯାହା କହିବେ ତାକୁ ମାନିବା ଥିଲା ରୀତି । ଆମେ ଯେତେବେଳେ ବଡ଼ ହେଲୁ, କଲଚର ବଦଳି ଯାଇଛି । ପିଲାମାନେ ଯାହା କହିବେ ତାକୁ ମାନିବା ଏବେ ରୀତି । ଆମ କଥା କେହି କେବେ ଶୁଣିଲେ ନାହିଁ କି ମାନିଲେ ନାହିଁ ।

## ବିଷ୍ଣୁ ଓ ବରୁଣଦେବ

ବର୍ଷାର ଦେବତା ବରୁଣଦେବଙ୍କୁ ବିଷ୍ଣୁ କହିଲେ, କେତେ ବର୍ଷା କରାଉଛନ୍ତି କି ଆପଣ ଭାରତରେ – ପୋଲ ଭୁଶୁଡ଼ି ପଡୁଛି, ସଡ଼କ ଭାସି ଯାଉଛି, ନବନିର୍ମିତ ରାଜରାସ୍ତାରେ ଏତେ ବଡ଼ ବଡ଼ ଗାଡ଼ିଆ ହୋଇଯାଉଛି ଯେ ହାତୀ ପଡ଼ିଲେ ବୁଡ଼ିଯିବ... । ବରୁଣଦେବ କହିଲେ, ପ୍ରଭୁ ମୁଁ ବର୍ଷା କରାଉଛି, କ୍ଷେପଣାସ୍ତ୍ର ଛାଡୁନି । ଆପଣ ଯାହା ଯାହା କହିଲେ ତାହାର କାରଣ ଭିନ୍ନ । – କ'ଣ ଭିନ୍ନ ? – ଆପଣ ତ୍ରିକାଳଦର୍ଶୀ । କ'ଣ କାରଣ ତାହା କ'ଣ ମୁଁ ଆପଣଙ୍କୁ ବୁଝେଇବି ! ଗଣେଶଙ୍କ ବାହନ ମୂଷିକରାଜଙ୍କୁ ପଚାରନ୍ତୁ ପ୍ରଭୁ – ତାଙ୍କ ପରିବାରର ଅନେକ ସଦସ୍ୟ ଭାରତଭୂମିରେ ବାସ କରୁଛନ୍ତି । ସେ ଆପଣଙ୍କୁ ଏହାର କାରଣ ଠିକଣା କରି କହିବେ । ବିଷ୍ଣୁ କିଛି ସମୟ ବରୁଣଦେବଙ୍କୁ ଚାହିଁ ରହିଲେ ତା'ପରେ କହିଲେ, ଆଛା ହେଉ ।

## ପିଜୁଳି


ଏ ଘଟଣାଟି ରମାକାନ୍ତ ସାହୁ ତାଙ୍କର ସାମାଜିକ ଗଣମାଧ୍ୟମ ମଞ୍ଚରେ ଲେଖିଛନ୍ତି । ସେ ଯେମିତି ଲେଖିଛନ୍ତି ସାମାନ୍ୟ ସମ୍ପାଦନା କରି ଏଠି ଉପସ୍ଥାପନ କରୁଛି । ଗୋଟିଏ ୭୦ ବର୍ଷର ବୁଢ଼ୀ ମାଆ ପିଜୁଳି ବିକୁଥିଲେ । ମୁଁ ପିଜୁଳି ୨୦ ଟଙ୍କାର କିଣିଲି, ପର୍ସରୁ ଟଙ୍କା ବାହାର କରୁଛି ଦେବା ପାଇଁ ଏ ସମୟରେ ଜଣେ ଭଦ୍ରଲୋକ ବୟସ ୬୦ ପରେ ହେବ, ଚାକିରିରୁ ଅବସର ନେଇଛନ୍ତି ବୋଧେ, ଆସି ପହଞ୍ଚିଲେ ଓ ପିଜୁଳି କେମିତି ଦେଉଛୁ କହିଲେ । ବୁଢ଼ୀ କହିଲା ୧୦ ଟଙ୍କାରେ ୪ଟା । ସେ ଲୋକଟି କହିଲେ ୫ଟା ଦେ । ବୁଢ଼ୀ ମନାକଲା ଦେବାକୁ । ଲୋକଟି ବୁଢ଼ୀ ସହିତ ଯୁକ୍ତି ବହୁତ କଲା ଓ ଦେବାପାଇଁ ବାଧ୍ୟକଲା । ବୁଢ଼ୀ କହିଲା ହଉ ବାବୁ ନିଅ କହିଲେ ତ ବୁଝୁନ ! ଲୋକଟି ୧୦ ଟଙ୍କା ବଢ଼େଇ ଦେଲା, ବୁଢ଼ୀ ୫ଟା ପିଜୁଳି ବଢ଼େଇ ଦେଲା । ଆଶ୍ଚର୍ଯ୍ୟର କଥା ଲୋକଟି ପୁଣି କହିଲା, ଆଉ ଗୋଟେ ପିଜୁଳି ଦେ । ବୁଢ଼ୀ କହିଲା ନାଇଁ ବାବୁ ହେବନି ତୁମ ପଇସା ନେଇ ଯାଓ ପିଜୁଳି ରଖିଦିଅ । କିନ୍ତୁ ଲୋକଟି ଜବରଦସ୍ତ ଆଉ ଗୋଟେ ଧରିଲା, କହିଲା ଏ ସାନ ପିଜୁଳିଟି ନେଉଛି । ବୁଢ଼ୀ ଯେତେ କାକୁତି ମିନତୀ ହୋଇ କହିଲା ନାଇଁ ବାବୁ ନାଇଁ ବାବୁ ହବନି ଲୋକଟି ଜମା ଶୁଣିଲାନି ଆଉ ଗୋଟେ ପିଜୁଳି ଧରି ଚାଲିଗଲା । ବୁଢ଼ୀ 'ବାବୁ...ବାବୁ' ଡାକ ଛାଡୁଛି, ଲୋକଟି ଆଉ ପଛକୁ ନ ଚାହିଁ ବୀର ଦର୍ପରେ ଆଗକୁ ଚାଲିଗଲା । ସତେ ଯେମିତି କି ଅଲମ୍ପିକର ଗୋଲ୍ଡ ମେଡେଲ ଜିତିଛି । ମୁଁ ସେଠାରେ ଛିଡ଼ାହୋଇ ସବୁ ଦେଖୁଛି । ଅଳ୍ପ ସମୟ ଭିତରେ ଏସବୁ ହେଇଗଲା । ମନରେ ଦୁଃଖ ଆସିଲା । କ'ଣ ବା କରିପାରିବି ! ବୁଢ଼ୀ ଲୋକଟିକୁ ବୁଝେଇଲି ହଉ ମାଆ କିଛି ଭାବେନି, ଗୋଟେ ପିଜୁଳି ଅଧିକ ନେଇଗଲା ସେ ଧନୀ ହେଇଯିବନି । ବୁଢ଼ୀ କହିଲା, ହଉ ବାପ ନେଉ ଗରିବ ଲୋକଟା ତ, ତା ପିଲାମାନେ ଖାଇବେ । ମୁଁ ପିଜୁଳି ପଇସା ଦେଇ ବୁଢ଼ୀ ପାଖରୁ ଫେରିଆସିଲି । ମନରେ ସେ କଥା ଘୁରି ହେଉଛି, କେମିତି କେମିତି ଲୋକ ଅଛନ୍ତି । ଚାଷୀମାନଙ୍କ ପାଇଁ ଫେସବୁକରେ ସମବେଦନା ଜଣାଉଛନ୍ତି, କିନ୍ତୁ ତାଙ୍କଠାରୁ ଲୁଟି ନେଉଛନ୍ତି । ଅନୁରୋଧ କରୁଛି କେହି ଏମିତି କରନ୍ତୁନି । ଯେଉଁମାନେ ହାଟରେ ଦିନସାରା ଖରା ବର୍ଷାରେ ବସି ପନିପରିବା, ବାଡ଼ିର ଫଳମୂଳ ବିକ୍ରି କରୁଛନ୍ତି, ସେମାନଙ୍କୁ ଶୋଷଣ କରନ୍ତୁ ନାହିଁ ।






## ନିର୍ଦ୍ଦେଶନା ପାଇଁ ରେଡି

ସଙ୍ଗୀତ ଦୁନିଆରେ ନିଜ ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିପାରିଥିବା ଅରିଜିତ୍ ସିଂ ବର୍ତ୍ତମାନ ନିର୍ଦ୍ଦେଶନା ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଏହି ଖବର ଜଣା ପଡିବା ପରେ ସମସ୍ତେ ଏହାକୁ ନେଇ ଖୁବ ଆଲୋଚନା କରୁଥିବା ଜଣା ପଡିଛି । ସୂଚନା ଅନୁସାରେ ପ୍ରଯୋଜକ ମହାବୀର ଜୈନଙ୍କ ସହିତ ଏକ ପ୍ରୋଜେକ୍ଟ ସାଇନ୍ କରିଛନ୍ତି । ଖୁବ ସିକ୍ରେଟଲି ସେ ଏହି ପ୍ରୋଜେକ୍ଟ ପାଇଁ କାମ କରୁଥିବା ଜଣା ପଡିଛି । ତେବେ ଏହି ଫିଲ୍ମର କାହାଣୀ ମଧ୍ୟ ନିଜେ ଅରିଜିତ୍ ସିଂ ଲେଖିଛନ୍ତି । ବର୍ତ୍ତମାନ ସ୍କ୍ରିପ୍ଟ ଲେଖା ସରିଥିବାବେଳେ ଆଗକୁ ଏହାର କାଷ୍ଟିଂ କରାଯିବ ବୋଲି ଜଣା ପଡିଛି । ତେବେ ଏହାର ଲିଡ୍‌କୁ ନେଇ କୌଣସି ସୂଚନା ନାହିଁ ।



## ପୁଣି ଜମିବ କେମେଷ୍ଟ୍ରୀ

ପୂର୍ବରୁ ଦର୍ଶକ ଅଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନାଙ୍କ ଯୋଡିକୁ ଦର୍ଶକ ସ୍କ୍ରିନ୍‌ରେ ଅନେକ ଭଲପାଇବା ଦେଇଛନ୍ତି । ପୁଣିଥରେ ଏହି ଯୋଡିଙ୍କୁ ଦର୍ଶକ ସ୍କ୍ରିନ୍‌ରେ ଦେଖିବାକୁ ପାଇବେ । ଖୁବଶୀଘ୍ର ଏକ ନୂଆ ପ୍ରୋଜେକ୍ଟରେ ଉଭୟ ସ୍କ୍ରିନ୍ ସେୟାର କରିବେ । ଏହା ଜଣା ପଡିବାପରେ ଉଭୟଙ୍କ ଫ୍ୟାନ୍ ଖୁବ ଖୁସି ଅଛନ୍ତି । ରଶ୍ମିକା ମଧ୍ୟ ନିଜର ଏହି ନୂଆ ପ୍ରୋଜେକ୍ଟକୁ ନେଇ ଉତ୍ସାହିତ ଅଛନ୍ତି । ଏହି ଚରିତ୍ରଟି ତାଙ୍କ ପୂରା କ୍ୟାରିୟରର ଭଲ ଚରିତ୍ର ହେବ ବୋଲି ସେ ମତ ଦେଇଛନ୍ତି । ଚରିତ୍ରଟି ଖୁବ ସ୍ୱତନ୍ତ୍ର ଅଛି, ଯାହା ତାଙ୍କ ଫ୍ୟାନ୍‌ଙ୍କୁ ପସନ୍ଦ ଆସିବ ବୋଲି ରଶ୍ମିକା ମତ ଦେଇଛନ୍ତି ।





## ଷ୍ଟନିଂ ଯୋଡ଼ି

ଖୁବଶୀଘ୍ର ଦର୍ଶକ ଭିକ୍କି କୌଶଲ ଓ ରଣବୀର କପୁରଙ୍କୁ ଏକାଠି ପରଦାରେ ଦେଖିବେ । ଉଭୟଙ୍କୁ ସଞ୍ଜୟ ଲୀଲା ଭଂସାଲୀଙ୍କ ଫିଲ୍ମ ଲଭ୍ ଆଣ୍ଡ ୱାରରେ ଦେଖିବାକୁ ମିଳିବ, ଯାହାର ପାଖାପାଖି ୫୦ ପ୍ରତିଶତ ସୁଟିଂ ସରିଲାଣି । ଆଠ ମାସ ଧରି ଏହି ଫିଲ୍ମର ସୁଟିଂ ଜାରି ରହିଛି । ବର୍ତ୍ତମାନ ଏହାର କିଛି କି ମୁମେଣ୍ଟ ସୁଟିଂ ହେଉଥିବା ସୂଚନା ମିଳିଛି । ଯେଉଁଥିପାଇଁ ନିର୍ଦ୍ଦେଶକ ଖୁବ ପରିଶ୍ରମ କରୁଥିବାନେଇ ଆଲୋଚନା ହେଉଛି । ଫିଲ୍ମରେ ଆଲିଆ ଭଟ୍ଟଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି । ଫିଲ୍ମର ଆଉ ଖୁବ କମ ଅଂଶ ସୁଟିଂ ହେବାକୁ ବାକି ରହିଛି, ଯାହା ପରେ ଖୁବଶୀଘ୍ର ଏହା ପରଦାକୁ ଆସିବ । ଫିଲ୍ମକୁ ନେଇ ଦର୍ଶକଙ୍କ ଭିତରେ ମଧ୍ୟ ଖୁବ ଅଧିକ ଉତ୍ସାହ ଦେଖିବାକୁ ମିଳୁଛି । ସମସ୍ତେ ଏହାର ଷ୍ଟାରକାଷ୍ଟକୁ ନେଇ ଖୁବ ଆଶାବାଦୀ ଅଛନ୍ତି, ଯେ ଫିଲ୍ମଟି ଉଚ୍ଚକୋଟିର ହୋଇଥିବ ।



## ସଲମାନଙ୍କୁ କରିଥିଲେ ଅପେକ୍ଷା

ଖୁବଶୀଘ୍ର ସଲମାନଙ୍କ ଫିଲ୍ମ ବ୍ୟାଟେଲ୍ ଅଫ୍ ଗଲୱାନ୍ ରିଲିଜ୍ ହେବାକୁ ଯାଉଛି । ତେବେ ଏହାର ଫିମେଲ ଲିଡ୍‌ଙ୍କୁ ନେଇ ଖୁବ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳୁଛି । ଏହାର ଫିମେଲ ଲିଡ୍ ଭାବେ ଦର୍ଶକ ଚିତ୍ରାଙ୍ଗଦା ସିଂଙ୍କୁ ଦେଖିବେ । ତେବେ ନିଜ ଚରିତ୍ରକୁ ନେଇ ଚିତ୍ରାଙ୍ଗଦା ଦେଇଥିବା ଷ୍ଟେଟମେଣ୍ଟ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସେ ସଲମାନଙ୍କ ସହିତ ସ୍କ୍ରିନ ସେୟାର କରିବାକୁ ଅନେକ ଦିନ ଧରି ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି । ସେ ଅନେକ ଦିନରୁ ଏଭଳି ଏକ ପ୍ରୋଜେକ୍ଟକୁ ଚାହିଁ ରହିଥିବା କହିଛନ୍ତି । ତେଣୁ ସେ ଏହି ପ୍ରୋଜେକ୍ଟ ପାଇବା ପରେ ଖୁବ ଖୁସି ହୋଇଥିବା ପ୍ରକାଶ କରିଛନ୍ତି । ସେହିଭଳି ସଲମାନ ମଧ୍ୟ ଚିତ୍ରାଙ୍ଗଦାଙ୍କ ସହିତ କାମ କରି ଖୁବଖୁସି ଥିବା ମତ ଦେଇଛନ୍ତି ।



## ଟ୍ରାନ୍ସଫରମେସନ୍ ପାଇଁ ଚର୍ଚ୍ଚାରେ

ନିକଟରେ ବବିଦେଓ୍ୱଲ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିଛନ୍ତି । ସେ ନିଜର ଓଜନ ନିୟନ୍ତ୍ରଣକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ସେ ଏହି ୟୁନିକ୍ ଟ୍ରାନ୍ସଫରମେସନ୍ ନିଜର ଅପକମିଂ ଫିଲ୍ମ ପାଇଁ କରିଥିବା ସୂଚନା ମିଳିଛି । ଏହି ଅବତାର ଫ୍ୟାନଙ୍କୁ ଖୁବ ପସନ୍ଦ ଆସିଥିବା ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି । ଏହି ଗେଟ୍‌ଅପ ତାଙ୍କ କ୍ୟାରିୟରର ସବୁଠାରୁ ୟୁନିକ୍ ବୋଲି ସୋସିଆଲ ମିଡିଆରେ ଫ୍ୟାନ୍ କମେଣ୍ଟ ଦେବା ଆରମ୍ଭ କରିଛନ୍ତି । ତେବେ ଏଥିପାଇଁ ବବି ଖୁବ ପରିଶ୍ରମ କରିଥିବା ଜଣା ପଡିଛି । ସେ ଏହି ଗେଟ୍‌ଅପ ପାଇଁ ପାଖାପାଖି ୧୫ କେଜି ଓଜନ କମାଇଛନ୍ତି । ଫ୍ୟାନମାନେ ଏହି ଡେଡିକେସନ୍ ପାଇଁ ବବିଙ୍କୁ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।





# ଖୁସିରେ ହସିବ ଝୁମୁରି

ଝୁମୁରିକୁ ଏବେ ପାଞ୍ଚ ଚାଲିଲା
ପାଠ ପଢ଼ି ଯିବ ଇସ୍କୁଲକୁ
ତୋଟା ମାଳ ଆଉ ବୁଲି ପାରିବନି
ଯିବନାହିଁ ଟୁବି ଗଡ଼ିଆକୁ ।।
ସାଙ୍ଗସାଥୀ ମେଳେ କେବେକେବେ ଯଦି
ଲାଗିଯାଉଥାଏ କଳିଗୋଳ
ସକେଇ ସକେଇ ଧାଇଁ ଆସିବନି
ଏବେ ଆଉ ତା'ର ମାଆକୋଳ ।।
କୋଇଲି ସାଥିରେ ବାଦ ଲଗାଇକି
ଗାଇ ପାରିବନି ସ୍ୱରତୋଳି
ସକାଳୁ ସକାଳୁ ତୋଟା ବୁଲି ଯାଇ
ଆଣି ପାରିବନି ଜାମୁକୋଳି ।।
ନୂଆନୂଆ ସାଙ୍ଗ ଦେଖାହେବ କେତେ
ଖେଳେଇବ ଦେଖି ଛବିବହି
ହସ ମଜାକରେ ପଢ଼ିବ ସେ ପାଠ
ଗୁଲୁଗୁ ଗାଲୁର କଥାକହି ।।
ନୂଆ ପୋଷାକରେ ନୂଆବେଶ ଧରି
କାନ୍ଧରେ ପକାଇ ବହିବେଗ
ଦେଖିବ ଝୁମୁରୀ ମନଖୁସି କରି
ଚାଲିଯିବ ହୋଇ
ଉଗଉଗ ।।
ପାଠ ପଢ଼ିସାରି ଘରକୁ
ଫେରିଲେ
ମାଆ ଚିପିଦେଇ
ଗାଲ ତା'ର
କୋଳରେ ବସାଇ
ଗେଲ କରିଦେବେ
ଖୁସିରେ ହସିବ ମୁହଁ
ତା'ର ।।

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଶ୍ରାବଣ ଲାଗଇ ଶିବମୟ



ଧାରା ଶିରାବଣ ମାସ
ବୋଲବମ୍ ଯିବା ଆସ
ପ୍ରଦେଶ ଉତ୍କଳ ଜିଲ୍ଲା ଢେଙ୍କାନାଳ
ପୂଣ୍ୟ ପୀଠ କପିଳାସ ।।
ପାହାଡ଼ ଶିଖରେ ଘର
ବାବା ଶ୍ରୀ ଚନ୍ଦ୍ରଶେଖର
ଅଳପକେ ତୋଷ ନାମ ଆଶୁତୋଷ
ଯାଚିକି ଦିଅନ୍ତି ବର ।।
ଭୋଳାବାବା ପରା ସେଇ
ପାଣି ଭାର କାନ୍ଧେ ନେଇ
ଶିବ ଶିବ ଶିବ ତୁଣ୍ଡ ଜପୁଥିବ
ଯିବା ବାରବାଙ୍କ ଦେଇ ।।
ଶିବ ପାଦେ ଥିଲେ ଲୟ
ଦୂରେ ଯାଏ ମନ ଭୟ
ଭକତ ଆଖିରେ ଶ୍ରାବଣ ଲାଗଇ
ଶିବମୟ ଶିବମୟ ।।

**ଜଗଦୀଶ ସାହୁ**
ସଂଜପଡ଼ା, ହିନ୍ଦୋଳ,
ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର




ବ୍ରେକ ନାହିଁ କି ବେଏଲ ନାହିଁ
ତଥାପି ଗାଡ଼ିଟା ଯାଉଛି ଧାଇଁ
ବଳଦ ଦୁଇଟା ହୋଇଛି ଯୋଡ଼ା
ନାହିଁ ତେଲ କିବା ବେଟାରୀ ଲୋଡ଼ା
ଲାଗିଛି କାଠର ଚକା
ପ୍ରଦୂଷଣ ମୁକ୍ତ ଯାନଟେ ଅଟଇ
ଏକଥା ଷୋଳଣା ପକ୍କା ।।
ଚାଲୁଥାଏ ଧୀରେ କଟର କଟ
ନାହିଁ ଆଧୁନିକ ଛଇ ଛଟକ
ବୁହେ ଧାନ, ମୁଗ, କୋଳଥ, ବିରି
ବଜାରରେ ଯାହା ହୁଏ ବିକିରି
ଆଗରୁ ଚାହିଦା ଥିଲା
ଏବେ ସେଇ ଗାଡ଼ି ଛବିରେ ଦେଖଇ
ଆଜିକା ପାଠୁଆ ପିଲା ।।
ଅଜା ଯାଇଥିଲେ ବରଟେ ସାଜି
ପୁରୁଣା ସେକଥା ଭାବେ ମୁଁ ଆଜି
ଶଗଡ଼ ଗାଡ଼ିକୁ ସଜେଇ ଦେଇ
ବାଣ ରୋଷଣିରେ ଗାଆଁ କମ୍ପେଇ
ଏକଥା କୁହଇ ଆଈ
ମଟର ଗାଡ଼ିଟା ବାହାରିବା ପରେ
ଶଗଡ଼ ଦିଶଇ ନାହିଁ ।।

**ଶିଶିର କୁମାର ପଣ୍ଡା**
କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୬୭୩୭୨୨୮

# ସାଧବ ବୋହୂ

ନାଲି ଟୁକୁ ଟୁକୁ ସାଧବ ବୋହୂ
ଝଡ଼ି ବରଷାରେ କୁଆଡ଼େ ଯାଉ ।
କେଉଁଠି ତୋ ସାଧବ ଅଛି ବସି
ଯା ପାଇଁ ଧାଉଁଛୁ ହୋଇଣ ଖୁସ ।
କେଡ଼େ ଥିରି ଥିରି ଚାଲିଚି ତୋ'ର
ଜାଣେନା କେହି କେଉଁଠି ତୋ ଘର ।
ନାଲିଆ ଦେହ ତୋ ସବୁଜ ଘାସେ
ସିନ୍ଦୂର ଟୋପାଟିଏ ଭଳି ଦିଶେ ।
ଦେଖିନେଲେ ତୋ କଅଁଳିଆ ରଙ୍ଗ
ଭାରି ଇଚ୍ଛା ହୁଏ ହେବାକୁ ସାଙ୍ଗ ।
ହେଲେ ତୁ ଆମଠି କରିଛୁ ରାଗ
ସେପାଇଁ ବାଟ ଭାଙ୍ଗି ଯାଉ ଆଗ ।
ମାନୁଛୁ ପରିବେଶ କରି ନଷ୍ଟ
ନାଶୁଛୁ ତୋ ବଂଶ ହୋଇଣ ଦୁଷ୍ଟ ।
କହୁଛୁ ସତ ଖାଇ ତୋର ରାଣ
ବଦଳାଇବୁ ଆମର ସେ ଗୁଣ ।

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨





# ମହାକାଶ ମାନବ ଶୁଭାଂଶୁ

ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ମିଶନ 'ଆକ୍ସିଓମ୍-୪' ସଫଳ ହୋଇଛି । ୨୨ ଘଣ୍ଟାର ଯାତ୍ରା ପରେ ସ୍ପେସ୍‌ଏକ୍ସର ଡ୍ରାଗନ ମହାକାଶଯାନ ମାଧ୍ୟମରେ ଏହି ମିଶନରେ ମିଶନ ପାଇଲଟ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା, ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍‌ସନ୍ ଏବଂ ଉଭୟ ମିଶନ ସ୍ପେଶାଲିଷ୍ଟ ପୋଲାଣ୍ଡର ମହାକାଶଚାରୀ ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ମହାକାଶଚାରୀ ଟିବୋର କାପୁ ପୃଥିବୀରେ ସୁରକ୍ଷିତ ଭାବେ କ୍ଷିଣ କାଲିଫର୍ନିଆର ସାନ୍ ଡିଏଗୋ ଉପକୂଳରେ ସଫଳ ଜଳାବତରଣ କରିଛନ୍ତି । ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନର ରହଣି ଏବଂ ସମୁଦାୟ ୨୦ ଦିନର ଯାତ୍ରାପରେ ମିଶନର ୪ କ୍ରିଉ ସଦସ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଡ୍ରାଗନ୍ ମହାକାଶଯାନ ଆଇଏସ୍‌ଏସ୍‌ରୁ ଅଲଗା ହୋଇ ଭୂପୃଷ୍ଠ ବାୟୁମଣ୍ଡଳରେ ପ୍ରବେଶ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୨୭ ହଜାର କି.ମି. ରହିଥିଲା । ବାୟୁମଣ୍ଡଳରେ ପ୍ରବେଶ ପରେ ସୁରକ୍ଷିତ ଜଳାବତରଣ ପାଇଁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ନିଜ ଗତିକୁ ଧିମା କରିବା ଉଦ୍ଦେଶ୍ୟରେ ୪ଟି ପାରାଚ୍ୟୁଟ ନିୟୋଜିତ କରିଥିଲା ଏବଂ କାଲିଫର୍ନିଆ ଉପକୂଳରେ ସୁରକ୍ଷିତ ଜଳାବତରଣ କରିଥିଲା । ଏହାପରେ ସ୍ପେସ୍‌ଏକ୍ସ'ର ବୈଷୟିକ ଟିମ୍ ପକ୍ଷରୁ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ଯାଞ୍ଚ୍ କରାଯାଇଥିଲା । ସ୍ପେସ୍‌ଏକ୍ସର ଗ୍ରାଉଣ୍ଡ୍ ଷ୍ଟାଫ୍‌ମାନେ ଡ୍ରାଗନ୍ ମହାକାଶ ଯାନକୁ ରିକୋଭରି ଜାହାଜ ସାନୋନ୍ ଉପରକୁ ଆଣିଥିଲେ । ପରେ ସେମାନେ ସ୍ପେସ୍‌କ୍ରାଫ୍ଟର ହ୍ୟାଚ୍‌କୁ ଖୋଲିଥିଲେ ଏବଂ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ଜଣେ ପରେ ଜଣେ କରି ମହାକାଶଯାନରୁ ବାହାରିଥିଲେ । ଏହାପରେ ରିକୋଭରି ଜାହାଜ ସାନୋନ୍‌କୁ ସ୍ଥଳଭାଗକୁ ଅଣାଯାଇଥିଲା । ଅବତରଣ ପରେ ସେମାନଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଛି । ୩ ସପ୍ତାହ ପରେ ଫେରିଥିବାରୁ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଶୁଭାଂଶୁଙ୍କୁ କିଛିଦିନ ସମୟ ଲାଗିବ । ତେଣୁ ଶୁଭାଂଶୁ ଏବଂ ମିଶନର ୩ ଅନ୍ୟ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ରହିବେ । ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଏହି କାର୍ଯ୍ୟକ୍ରମରେ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ

**ଇସ୍ରୋର ଆକ୍ସିଓମ୍-୪ ମିଶନରେ ମହାକାଶରେ ପାଦଥାପି ଓ ସଫଳତା ପୂର୍ବକ ପୁଣି ପୃଥିବୀପୃଷ୍ଠକୁ ଫେରି ଭାରତକୁ ଗୌରବାନ୍ୱିତ କରିଛନ୍ତି ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା । ତାଙ୍କର ଏହି କୃତିତ୍ୱ ଭାରତୀୟଙ୍କ ଆକାଂକ୍ଷାକୁ ନୂତନ ଉଚ୍ଚତାରେ ପହଞ୍ଚାଇପାରିଛି ।**

ଶୁଭାଂଶୁ ଏବଂ ୩ ଅନ୍ୟ ମହାକାଶଚାରୀ ତାଲିମ ନେବେ ।

ଆଇଏସ୍‌ଏସ୍‌ରେ ୧୮ ଦିନର ରହଣି ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିଛନ୍ତି । ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷଣ କରିଛନ୍ତି । ପୂର୍ବ ଯୋଜନା ମୁତାବକ ଶୁଭାଂଶୁ ଆଇଏସ୍‌ଏସ୍‌ରେ ମେଥି ଏବଂ ମୁଗ ବିହନର ଅଙ୍କୁରୀକରଣ, ସାଇନୋ ବ୍ୟାକ୍ଟେରିଆ, ଭୋଏଜର ପ୍ରଦର୍ଶନ, ଟାର୍ଡିଗ୍ରେଡ୍‌ସ, ମାୟୋଜେନେସିସ୍, ଅଣୁ ଶୈବାଳ ଏବଂ ଫସଲ ବିହନ ଆଦି ଉପରେ ସଫଳତାର ସହ ପରୀକ୍ଷଣ ଶେଷ କରିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି । ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ । ସେହିପରି ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିଲେ। ଏହି ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି । ନାସା ଏବଂ ଆକ୍ସିଓମ୍ ସ୍ପେସ୍ ଦ୍ୱାରା ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍‌ଏସ୍‌ରେ ରହଣି ଏବଂ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ଜଣାପଡ଼ିଛି ।

୧୦ ଅକ୍ଟୋବର ୧୯୮୫ରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶମ୍ଭୁଦୟାଲ ଓ ଆଶା ଶୁକ୍ଲାଙ୍କ କୁଳମଣ୍ଡନ କରିଥିଲେ ୩୯ ବର୍ଷୀୟ, ଶୁଭାଂଶୁ । ଲକ୍ଷ୍ନୌର ପ୍ରତିଷ୍ଠିତ ସିଟି ମାଣ୍ଟେସରୀ ସ୍କୁଲରୁ ସ୍କୁଲ ଶିକ୍ଷା ପରେ ରାଷ୍ଟ୍ରୀୟ ରକ୍ଷା ଏକାଡେମୀ, ପୁଣେର ବିଟେକ୍ ଡିଗ୍ରୀ ହାସଲ କରିଥିଲେ । ଏହା ପରେ ସେ ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍‌ସି) ବେଙ୍ଗାଲୁରୁରୁ ମାଷ୍ଟର ଅଫ୍ ଟେକ୍ନୋଲୋଜି ଶିକ୍ଷା ଗ୍ରହଣ କରିଥିଲେ । ବିଭିନ୍ନ ସରକାରୀ ଚାକିରିର ଅଫର ଥିଲେ ମଧ୍ୟ ଶୁଭାଂଶୁ ନିଜ ପିଲାବେଳ ସ୍ୱପ୍ନ ସାକାର କରିବା ଲାଗି ସେ ଭାରତୀୟ ବାୟୁସେନାରେ ପରୀକ୍ଷଣ ପାଇଲଟ୍ ଭାବେ ଯୋଗ ଦେଇଥିଲେ ।

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ହାସଲ କରିଥିବା ଅଭିଜ୍ଞତା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି । ଶୁଭାଂଶୁ ମହାକାଶରେ ବିଭିନ୍ନ ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ସେଠାରେ ସେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣର ପ୍ରଭାବ ସହ ଏକାଧିକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି । ଆଇଏସ୍‌ଏସ୍‌ରେ ଶୁଭାଂଶୁଙ୍କ ଅଭିଜ୍ଞତାକୁ ଇସ୍ରୋ ନିଜର ଗଗନୟାନ କାର୍ଯ୍ୟକ୍ରମରେ ବିନିଯୋଗ କରିବ। ଆକ୍ସିଓମ୍-୪ ମିଶନ ଇସ୍ରୋ ପାଇଁ ଏକ ପ୍ରମୁଖ ଶିକ୍ଷଣୀୟ ସୁଯୋଗ ବୋଲି କୁହାଯାଉଛି । ୨୦୨୭ରେ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ପ୍ରସ୍ତୁତ ହେବାକୁ ଏହି ମିଶନ ଇସ୍ରୋକୁ ସାହାଯ୍ୟ କରିବ । ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ଭାରତୀୟ



ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯିବ, ଆଇଏସ୍‌ଏସ୍‌ରେ ବିଭିନ୍ନ ଉପକରଣଗୁଡ଼ିକୁ କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ବିଭିନ୍ନ ଅନୁଭବ ଆଗାମୀ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ ବୋଲି କୁହାଯାଉଛି ।

ଆକ୍ସିଓମ୍-୪ ମିଶନ ଅଧୀନରେ ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ଔଷଧ, କୃଷି, ମହାକାଶ ଅନୁସନ୍ଧାନ ଆଦି ବିଭିନ୍ନ କ୍ଷେତ୍ରରେ ୬୦ରୁ ଅଧିକ ପରୀକ୍ଷଣ କରିଥିଲେ । ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ୭ଟି ପରୀକ୍ଷଣ କରିଥିବା ଜଣାପଡ଼ିଛି । ମହାକାଶରେ ରହିବା ଦ୍ୱାରା ମଣିଷଙ୍କଠାରେ ମାୟୋଜେନେସିସ୍ ନାମରେ ଜଣାଶୁଣା ମାଂସପେଶୀ ଟିସ୍ୟୁ ବିକାଶ କିପରି ପ୍ରଭାବିତ ହୋଇଥାଏ, ସେନେଇ ଶୁଭାଂଶୁ ପରୀକ୍ଷଣ କରିଥିଲେ । ମହାକାଶରେ ମାଂସପେଶୀ ହ୍ରାସକୁ ବୁଝିବା ପାଇଁ ସେ ଏହି ଗବେଷଣା କରିଥିଲେ । ସେହିପରି ଶୁଭାଂଶୁ ନିଜ ସହ ନେଇଯାଇଥିବା ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରିଥିଲେ । ଏହି ଅବଧି ମଧ୍ୟରେ ସେ ସାଇନୋ ବ୍ୟାକ୍ଟେରିଆର ୨ଟି ପ୍ରଜାତି ଏବଂ ସୂକ୍ଷ୍ମ ଶୈବାଳ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ । ଶୂନ୍ୟ ଗୁରୁତ୍ୱାକର୍ଷଣରେ କମ୍ପ୍ୟୁଟର ସ୍କ୍ରିନ୍ ବ୍ୟବହାରର ପ୍ରଭାବକୁ ବିଶ୍ଳେଷଣ କରିବା ପାଇଁ ଶୁଭାଂଶୁ ଭୋୟଜର ଡିସ୍‌ପ୍ଲେ ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ସେ ଆଇଏସ୍‌ଏସ୍‌ରେ ଜଳ ସହ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ମଧ୍ୟ ପ୍ରଦର୍ଶନ କରିଥିଲେ । ଜଳ ମାଧ୍ୟମରେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ କିପରି ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ଏହି ପରୀକ୍ଷଣ ମାଧ୍ୟମରେ ଶୁଭାଂଶୁ ଦର୍ଶାଇଥିଲେ ।





# ବାଇଶି ପାହାଚ

**ଶ୍ରୀମନ୍ଦିରର ପ୍ରତ୍ୟେକ ସ୍ଥାନ କୌଣସି ନା କୌଣସି ପୌରାଣିକ ମହତ୍ତ୍ୱ ରଖିଥାଏ । ଏଥିରେ ଥିବା ପ୍ରତ୍ୟେକ ସାମଗ୍ରୀ ନିର୍ମାଣ ପଛରେ କିମ୍ବଦନ୍ତୀ ରହିଛି । ଶ୍ରୀମନ୍ଦିରର ଏକ ମୁଖ୍ୟ ଅଂଶ ହେଲା ବାଇଶି ପାହାଚ । ଏହି ବାଇଶିଟି ପାହାଚର ରହିଛି ଭିନ୍ନ ଭିନ୍ନ ଅର୍ଥ ।**

ବାଇଶି ପାହାଚର ପ୍ରତିଟି ପାହାଚର ଭିନ୍ନଭିନ୍ନ ଅର୍ଥ ରହିଛି ଆସନ୍ତୁ ଜାଣିବା ସେହି ସମ୍ପର୍କରେ । ଏହାକୁ ଭାଗବତ ଅନୁସାରେ ନାମକରଣ କରାଯାଇଅଛି । ଏହାର ପ୍ରତିଟି ପାହାଚ ପଛରେ ଠାକୁରଙ୍କର ଅବତାରର କାହାଣୀ ରହିଛି । ଶ୍ରୀମନ୍ଦିର ବେଶ୍ ଆକର୍ଷଣୀୟ ସ୍ଥାନ ହୋଇଥାଏ ଏହି ବାଇଶି ପାହାଚ । ବାଇଶି ପାହଚରେ ପିତୃପୁରୁଷଙ୍କୁ ପିଣ୍ଡ ଦାନର ପ୍ରକ୍ରିୟା ମଧ୍ୟ କରାଯାଇଥାଏ । ସେହିଭଳି ଦିପାବଳୀ ଅମାବାସ୍ୟାରେ ହେଉଥିବା କାଉଁରିଆ କାଠି ଜାଳିବା ସମୟରେ ବାଇଶି ପାହାଚର ନାଁ ଆସିଥାଏ, ଯାହା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ ।

### ଦ୍ୱାଦଶ ପାହାଚ

ଦ୍ୱାଦଶ ଅବତାରରେ ଶ୍ରୀଜଗନ୍ନାଥ ଧନ୍ୱନ୍ତରୀ ରୂପଧାରଣ କରି ଅମୃତ କଳସୀ ହସ୍ତରେ ଧରି କ୍ଷୀରସାଗରରୁ ଉତଥିତ ହୋଇଥିଲେ ।

### ତ୍ରୟୋଦଶ ପାହଚ

ଶ୍ରୀଜଗନ୍ନାଥ ତାଙ୍କ ତ୍ରୟୋଦଶ ଅବତାରରେ ମୋହିନୀ କନ୍ୟା ରୂପ ଧାରଣ କରି ଅମୃତ କଳସକୁ ଦେବତାମାନଙ୍କୁ ଦେଇ ଅସୁର ମାନଙ୍କୁ ସେଥିରୁ ବଞ୍ଚିତ କରିଥିଲେ ।

### ଚତୁର୍ଦ୍ଦଶ ପାହଚ

ଶ୍ରୀଜଗନ୍ନାଥ ତାଙ୍କ ଚତୁର୍ଦ୍ଦଶ ଅବତାରରେ ନୃସିଂହରୂପ ଧାରଣ କରି ଦୈତ୍ୟରାଜ ହିରଣ୍ୟକଶ୍ୟପକୁ ସଂହାର କରି ତଦୀୟ ପୁତ୍ର ପ୍ରହ୍ଲାଦକୁ ଅଭୟ ପ୍ରଦାନ କରିଥିଲେ ।

### ପଞ୍ଚଦଶ ପାହଚ

ଶ୍ରୀଜଗନ୍ନାଥ ତାଙ୍କ ପଞ୍ଚଦଶ ଅବତାରରେ ବାମନ ରୂପ ଧାରଣ କରି ଦୈତ୍ୟରାଜ ବଳୀକୁ ପାତାଳଗାମୀ କରିଥିଲେ ।

### ଷୋଡଶ ପାହାଚ

ଶ୍ରୀଜଗନ୍ନାଥ ତାଙ୍କ ଷୋଡଶ ଅବତାରରେ ଭୃଗୁପତି ପର୍ଶୁରାମ ରୂପରେ ପୃଥିବୀକୁ ଏକୋଇଶି ଥର କ୍ଷତ୍ରିୟ ଶୂନ୍ୟ କରିଥିଲେ ।

### ସପ୍ତଦଶ ପାହଚ

ଶ୍ରୀଜଗନ୍ନାଥ ତାଙ୍କ ସପ୍ତଦଶ ଅବତାରରେ ପୃଥିବୀବାସୀଙ୍କ କ୍ଷୀଣବୁଦ୍ଧି ଦେଖି ସେମାନଙ୍କ କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ମହର୍ଷି ପରାସରଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ବ୍ୟାସରୂପରେ ଜନ୍ମଗ୍ରହଣ କରି ବେଦ ଗୁଡିକୁ ସୁସ୍ପଷ୍ଟ କରି ଲୋକକଲ୍ୟାଣ ମାର୍ଗ ଦର୍ଶାଇଥିଲେ ।

### ଅଷ୍ଟାଦଶ ପାହଚ

ଶ୍ରୀଜଗନ୍ନାଥ ତାଙ୍କ ଅଷ୍ଟାଦଶ ଅବତାରରେ ଶ୍ରୀରାମ ରୂପରେ ଜନ୍ମଲାଭ କରି ସମୁଦ୍ରରେ ସେତୁ ବାନ୍ଧି ମହାପ୍ରତାପି ଲଙ୍କାରାଜା ରାବଣକୁ ନିହତ କରିଥିଲେ । ବିଷ୍ଣୁଭକ୍ତ ବିଭିଷଣକୁ ଲଙ୍କାର ରାଜା କରାଇ ସିଂହଳକୁ ଭାରତ ସହ ମିଶାଇଥିଲେ ।

### ଊନବିଂଶ ଓ ବିଂଶ ପାହଚ

ଶ୍ରୀଜଗନ୍ନାଥ ଏହି ଦୁଇ ଅବତାରରେ ଯଥାକ୍ରମେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମ ରୂପରେ ଅବତୀର୍ଣ୍ଣ ହୋଇ ପୃଥିବୀର ଭାରା ହରଣ କରିଥିଲେ ।

### ଏକବିଂଶ ପାହଚ

ଶ୍ରୀଜଗନ୍ନାଥ ଏହି ଅବତାରରେ ଅଜିନ ପୁତ୍ର ବୁଦ୍ଧରୂପେ ଗୟା ପ୍ରଦେଶରେ ଜନ୍ମଗ୍ରହଣ କରି ଦେବବିଦ୍ୱେଷୀ ତାମସିକ ଲୋକମାନଙ୍କୁ ସମ୍ମୋହନ କରିଥିଲେ ।

### ଦ୍ୱାଦଶ ପାହଚ

ଶ୍ରୀଜଗନ୍ନାଥଙ୍କର ଦ୍ୱାବିଂଶ ଅବତାରରେ କଳିଯୁଗରେ କଳ୍କୀ ରୂପରେ ଅବତୀର୍ଣ୍ଣ ହୋଇ ମ୍ଳେଚ୍ଛ ସଂହାର କରିଥିଲେ । ଏହି ଅବତାର ଘଟି ସାରିଲାଣି ।

**(ଉପରୋକ୍ତ ତଥ୍ୟ ପରମାନନ୍ଦ ତ୍ରିପାଠୀଙ୍କ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସଂସ୍କୃତି ପୁସ୍ତକରୁ ସଂଗୃହ)**



# ଭୁତର ମାଛଧରା




**ଆଈ ମା କାହାଣୀ ପେଡି ଖୋଲିଲେ ବିଭିନ୍ନ ପ୍ରକାର ଗପ ସେଥିରୁ ବାହାରିଆସେ । ଯାହା ନାତିନାତୁଣୀଙ୍କର ଖୁବ ମନୋରଞ୍ଜନ କରିଥାଏ । ଏଥିରେ ବିଭିନ୍ନ ପ୍ରକାରର କାହାଣୀ ସାମିଲ ରହିଥାଏ ।**

ଆଈ ମାଙ୍କ ଠାରୁ ପିଲାଦିନେ ଶୁଣିଥିବା କାହାଣୀ ଭିତରେ ଭୁତର ମାଛଧରା ଖୁବ ପରିଚିତ । ଏହି କାହାଣୀଟି କାଳ୍ପନିକ ହେଲେ ମଧ୍ୟ ଖୁବ ରୋମାଞ୍ଚକର । ଏହି କାହାଣୀଟି ଯେପରି ପିଲାମାନଙ୍କର ପ୍ରଥମ ପସନ୍ଦ ହୋଇଥାଏ । ସମସ୍ତେ ଛୋଟ ପିଲାଦିନେ ଏହି କାହାଣୀର ଖୁବ ମଜା ନେଇଥାଆନ୍ତି । ଆସନ୍ତୁ ଜାଣିବା କାହାଣୀର ମୁଖ୍ୟ ବସ୍ତୁ ।

ଏକଦା ଗୋଟିଏ ଗାଁରେ ଦୁଇଜଣ ସାଙ୍ଗ ଯଥା ରାମ ଓ ଶ୍ୟାମ ରହୁଥିଲେ । ଏହି ଦୁଇଜଣ ଖୁବ ସାଙ୍ଗ ହୋଇଥାଆନ୍ତି, ସମସ୍ତ କାମ ଏକାଠି କରୁଥିଲେ । ସକାଳ ଉଠିବା ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସବୁବେଳେ ଏକାଠି ରହିଥାଆନ୍ତି । ତେବେ ଦିନେ ଉଭୟ ନିଷ୍ପତ୍ତି ନେଲେ ରାତିରୁ ଉଠି ମାଛ ଧରିବାକୁ ଯିବେ । ଏନେଇ ସେମାନେ ପୂର୍ବଦିନ ରାତିରେ ବର ଗଛ ମୂଳେ ବସି କଥା ହୋଇଥିଲେ । ସନ୍ଧ୍ୟା ସମୟରେ ଉଭୟ ଏନେଇ ନିଷ୍ପତ୍ତି ନେଇଥିଲେ । ରାତି ୪ଟାରୁ ରାମ ଶ୍ୟାମ ଘରକୁ ଆସି ତାକୁ ଡାକି ସେଠାରୁ ଦୁଇ ଜଣ ଯାକ ଯିବେ ପୋଖରୀକୁ ମାଛ ଧରିବାକୁ । କଣକଣ ନେଇ ମାଛ ଧରି ଯିବେ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଏହାପରେ ଉଭୟ ନିଜ ନିଜ ଘରକୁ ଯାଇ ଶୋଇ ପଡିଲେ । ଏହାପରେ ରାତି ୪ଟାରେ ଶ୍ୟାମ ଘରର କବାଟ ବାଡିଆ ହେଲା । ସେ ସଙ୍ଗେସଙ୍ଗେ  ରାମ ସହିତ ମାଛ ଧରିବାକୁ ଯିବାକୁ ପ୍ରସ୍ତୁତ ହୋଇଗଲା । ଉଭୟ ଚାଲିଲେ ମାଛ ଧରିବାକୁ । ପୋଖରୀ କୂଳରେ ପହଞ୍ଚିବା ପରେ ମାଛଧରା ଆରମ୍ଭ ହେଲା । ଶ୍ୟାମ ପୋଖରୀ ଭିତରେ ପଶି ମାଛ ଧରୁଥାଏ ଏବଂ ଏହାକୁ ରାମ ହାତକୁ ବଢାଇ ଦେଉଥାଏ । ତେବେ ରାମ ଶ୍ୟାମ ସହିତ କିଛି କଥା ହେଉନଥାଏ । ଶ୍ୟାମ ଯାହା ପଚାରିଲେ ସେ ଖାଲି ହୁଁ ହୁଁ କହି ଉତ୍ତର ଦେଉଥାଏ । ତେବେ ଅନେକ ସମୟ ମାଛ ଧରିବା ପରେ ଶ୍ୟାମକୁ ରାମ ଉପରେ ସନ୍ଦେହ ହେଲା । ସେ ପଚାରିଲା ତୁ କାହିଁ କଥା ହେଉ ନାହୁଁ ମୋ ସହ । ଏହାପରେ ଶ୍ୟାମ ଡରି ଗଲା, ତାକୁ ସେ ରାମ ନୁହେଁ ବରଂ ଆଉ କେହି ପରି ମନେ ହେଲା । ତେଣୁ ସେ ରାମ ହାତକୁ ମାଛ ବଢାଇବା ସମୟରେ କଟୁରୀରେ ରାମ ହାତକୁ ଏକ ଚୋଟ ଦେଲା । ହେଲେ ସେ ଦେଖିଲା ରାମ ରଡିଛାଡି କେଉଁଆଡେ ଦୌଡି ପଳାଇଲା ଏବଂ ତାର ହାତ ଶ୍ୟାମ ହାତରେ ରହିଗଲା । ତେବେ ଶ୍ୟାମ ତାର ହାତ ଧରି ଏକାନିଶ୍ୱାସରେ ଘରକୁ ଦୌଡି ପଳାଇଲା । ଘରେ ପହଞ୍ଚିଲା ବେଳକୁ ଦିନ ହୋଇଯାଇଥାଏ । ସେଠାରେ ପହଞ୍ଚି ଦେଖିଲା ରାମର ହାତ ଏକ ପୋଡା କାଠ ଖଣ୍ଡରେ ପରିଣତ ହୋଇ ଯାଇଛି । ଏହା ଦେଖି ଶ୍ୟାମ ଖବ ଡରି ଯାଇଥିଲା । ହେଲେ ସେତିକିବେଳେ ରାମର ଡାକ ଶୁଣି ସେ ଚମକି ପଡିଲା । ଦେଖିଲା ରାମ ତା ଆଗରେ ଠିଆ ହୋଇଛି ଏବଂ କହୁଛି, ଆରେ ଶ୍ୟାମ ମୋତେ କ୍ଷମା କରିଦେ ମୁଁ ଆସି ପାରିଲିନି ତୋତେ ଡାକିବାକୁ । ମୋ ଦେହଟା କାଲି ଖରାପ ହୋଇଗଲା ତେଣୁ ସକାଳୁ ନିଦ ଭାଙ୍ଗିଲାନି । ଏହାପରେ ଶ୍ୟାମ ତାକୁ ରାତିର ସବୁକଥା କହିଲା । ଉଭୟ ପୋଖରୀ କୂଳକୁ ବାହାରିଲେ ହେଲେ ବାଟରେ ପଡୁଥିବା ବର ଗଛ ମୂଳେ ଦେଖିଲେ ଖୁବ ଅଧିକ ମାଛ କଣ୍ଟା ପଡିଛି । ପୋଖରୀକୂଳ ବାଲ୍ଟିରେ କିଛି ମାଛ ନାହିଁ । ଏହାପରେ ଉଭୟ ଘଟଣା କଣ ଜାଣିପାରିଲେ । ରାମ ନୁହେଁ ବରଂ ବରଗଛରେ ରହୁଥିବା ଭୁତ ଶ୍ୟାମକୁ ରାତିରୁ ଡାକି ମାଛ ଧରିବାକୁ ନେଇ ଯାଇଥିଲା ।






**ଲର୍ଡସ୍ ଟେଷ୍ଟକୁ ଭାରତ ୨୨ ରନରେ ହାରିବା ସହ ୧୪୫ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି । ଏକଦା ଭଲ ସ୍ଥିତିରେ ଥିଲେ ମଧ ପଞ୍ଚମ ତଥା ଶେଷ ଦିନରେ ମ୍ୟାଚ୍ ଜିତିବା ଲାଗି ଆବଶ୍ୟକ ମାତ୍ର ୧୩୫ ରନ୍ କରି ନପାରି ଶୁବମନ୍ ଗିଲ୍‌ଙ୍କ ଦଳ ପରାଜିତ ହେବା ପ୍ରଶଂସକଙ୍କୁ ବିବ୍ରତ କରିଛି । ଏହି ଚର୍ଚ୍ଚିତ ମୁକାବିଲାକୁ ଭାରତ ଅନ୍ୟୂନ ୬ଟି କାରଣ ପାଇଁ ହାରିଲା ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।**

## ଗିଲ୍‌ଙ୍କ ବିଫଳତା

ଭାରତ ଏଜବଷ୍ଟନ୍ ଟେଷ୍ଟ ଜିତିବାରେ ଅଧିନାୟକ ଶୁବମନ୍ ଗିଲ୍ ପ୍ରମୁଖ ଭୂମିକା ତୁଲାଇଥିଲେ । ଏକାକୀ ୪୩୦ ରନ୍ କରିଥିଲେ ସେ । ହେଲେ ଲର୍ଡସରେ ଏହି ରନ୍ ମେସିନ୍‌ଙ୍କୁ ଇଂଲଣ୍ଡ ସଫଳତାର ସହ ରୋକିଥିଲା । ଯୋଜନାବଦ୍ଧ ଭାବେ ବୋଲିଂ କରିବା ସହ ୱିକେଟରକ୍ଷକଙ୍କୁ ଉପରେ ରଖି ଗିଲ୍‌ଙ୍କୁ ବଡ଼ ସ୍କୋର୍ କରିବାର ସୁଯୋଗ ଦେଇ ନଥିଲା । ଉଭୟ ପାଳିରେ ଗିଲ୍ ୧୬ ଓ ୬ ରନ୍ କରିଥିଲେ । ଯାହା ଭାରତ ପାଳି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା । ସେହିଭଳି ବଲ୍ ପରିବର୍ତ୍ତନ ନେଇ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିବା ମଧ ଗିଲ୍‌ଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିଥିଲା ।

## ନାୟରଙ୍କ ସଂଘର୍ଷ

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ କରୁଣ ନାୟରଙ୍କୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା । ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରି ୮ବର୍ଷ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଥିବା ନାୟରଙ୍କ ଉପରେ ଦଳୀୟ ଅଧିକାରୀମାନେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିଲେ । ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ୩ ନମ୍ବର ସ୍ଥାନରେ ବି ଖେଳାଇଥିଲେ । ତେବେ ତିନିଟି ଟେଷ୍ଟ ପରେ ବି ସେ ଗୋଟିଏ ହେଲେ ବି ଅର୍ଦ୍ଧଶତକ ଅର୍ଜନ କରିପାରି ନାହାନ୍ତି । ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଖାତା ଖୋଲି ପାରି ନଥିଲେ ସେ । ଦ୍ୱିତୀୟରେ ୨୦ ରନ୍ କରି ନିଜ ୱିକେଟ୍ ଫିଙ୍ଗି ଦେଇଥିଲେ । ସେହିଭଳି ବର୍ମିଂହାମରେ ୩୧ ଓ ୨୬ ରନ୍ କରିଥିଲେ ବି ଏହାକୁ ବଡ଼ ସ୍କୋରରେ ରୂପାନ୍ତର କରିପାରି ନଥିଲେ । ଲର୍ଡସ ଟେଷ୍ଟର ପ୍ରଥମ ପାଳିରେ ଲଢୁଆ ୪୦ ରନ୍ କରିବା ପରେ ଦ୍ୱିତୀୟରେ ମାତ୍ର ୧୪ ରନ୍ କରିଥିଲେ ।

## ଜୟସ୍ୱାଲଙ୍କ ବେପରୁଆ ପ୍ରଦର୍ଶନ

ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ବେପରୁଆ ସଟ୍ ଚୟନ ମଧ ଭାରତର ଲର୍ଡସ୍ ପରାଜୟର ଅନ୍ୟତମ କାରଣ ବୋଲି କୁହାଯାଇପାରେ । ବିଶେଷ କରି ଦ୍ୱିତୀୟ ପାଳିରେ ଜୋଫ୍ରା ଆର୍ଚରଙ୍କ ଦ୍ରୁତ ଗତିକୁ ସମ୍ମୁଖୀନ ହେବା ତାଙ୍କ ପାଇଁ କାଠିକର ପାଠ ହୋଇଥିଲା । ଶେଷରେ ଏକ ଦୁର୍ବଳ ସଟ୍ ଖେଳି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରି ଯାଇଥିଲେ । ସେହିଠାରୁ ହିଁ ଭାରତର ଅଧୋପତନ ଆରମ୍ଭ ହୋଇଥିଲା । କରୁଣ ନାୟର, ଅଧିନାୟକ ଶୁବମନ ଗିଲ୍ ଏବଂ ରାତ୍ର ଜଗୁଆଳି ଆକାଶ ଦୀପଙ୍କୁ ହରାଇ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ହିଁ ଭାରତ ସଙ୍କଟରେ ପଡ଼ିସାରିଥିଲା । ପ୍ରଥମ ପାଳିରେ ମଧ ଅନୁରୂପ ଭାବେ ଏକ ଦୁର୍ବଳ ସଟ୍ ଖେଳି ମାତ୍ର ୧୩ ରନରେ ଆଉଟ ହୋଇଯାଇଥିଲେ ।

## ବିପର୍ଯ୍ୟୟ

ଦ୍ୱିତୀୟ ପାଳିରେ ଲଢ଼ିଥିଲେ ମଧ ପ୍ରଥମରେ ଭାରତ ନିମ୍ନକ୍ରମ ପୂରା ନିରାଶ କରିଥିଲା । ଇଂଲଣ୍ଡର ୩୮୭ ରନ୍ ଜବାବରେ ଭାରତ ୬ ୱିକେଟ୍ ବିନିମୟରେ ୩୭୬ ରନ୍ କରି ନେଇଥିଲା । ଫଳରେ ପ୍ରଥମ ପାଳିରେ ଅଗ୍ରଣୀ ପାଇବ ବୋଲି ଆଶା କରାଯାଉଥିଲା । ହେଲେ ନିମ୍ନକ୍ରମ ବ୍ୟାଟର୍ଙ୍କ ଘୋର ବିଫଳତା ପାଇଁ ମାତ୍ର ୧୧ ରନରେ ଶେଷ ୪ ୱିକେଟ ହରାଇ ୩୮୭ ରନରେ ହିଁ ଅଲଆଉଟ୍ ହୋଇଯାଇଥିଲା । ପ୍ରଥମ ପାଳି ସ୍କୋର୍ ଟାଇ ରହିବା ଇଂଲଣ୍ଡ ପାଇଁ ମନସ୍ତାତ୍ତ୍ୱିକ ବିଜୟ ଥିଲା । ଏହାର ପ୍ରତିଫଳନ ଦ୍ୱିତୀୟ ପାଳିରେ ବି ଦେଖିବାକୁ ମିଳିଥିଲା । ଭାରତୀୟ ବ୍ୟାଟରଙ୍କ ଉପରେ ଅସହ୍ୟ ଚାପ ସୃଷ୍ଟି କରି ଇଂଲଣ୍ଡ ୮୨ ରନରେ ୭ ୱିକେଟ୍ କରାୟତ୍ତ କରି ନେଇଥିଲା । ଶେଷରେ ଭାରତକୁ ୧୭୦ ରନରେ ଅଲଆଉଟ୍ କରି ଦେଇଥିଲା । ରବୀନ୍ଦ୍ର ଜାଡ଼େଜାଙ୍କ ଲଢୁଆ ୬୧* ରନ୍ ବି ବେକାର ଯାଇଥିଲା ।

## କ୍ୟାଚ୍ ଡ୍ରପ୍ ଓ ଦୁର୍ବଳ ଫିଲ୍ଡିଂ

ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ଏକାଧିକ କ୍ୟାଚ୍ ହାତଛଡ଼ା କରି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର୍ କରିବାର ସୁଯୋଗ ଦେଇଥିଲା । ଇଂଲଣ୍ଡର ପ୍ରଥମ ପାଳିରେ ହିଁ ଭାରତ ଅନ୍ୟୂନ ଚାରିଟି କ୍ୟାଚ୍ ଛାଡ଼ିଥିଲା । କେଏଲ୍ ରାହୁଲ ପ୍ରତିପକ୍ଷ ୱିକେଟରକ୍ଷକ ଜାମି ସ୍ମିଥ୍‌ଙ୍କ କ୍ୟାଚ୍ ଛାଡ଼ିବା ଭାରତକୁ ବେଶ୍ ବାଧିଥିଲା । ସେ ୫୧ ରନର ମହତ୍ତ୍ୱପୂର୍ଣ୍ଣ ପାଳି ଖେଳିଥିଲେ । ଅଷ୍ଟମ ୱିକେଟରେ ବ୍ରାଏଡନ୍ କାର୍ସଙ୍କ ସହ ମିଶି ୮୪ ରନ୍ ଯୋଡ଼ିଥିଲେ ସ୍ମିଥ୍ । ଫଳରେ ଇଂଲଣ୍ଡ ସ୍କୋର୍ ୩୮୭ରେ ପହଞ୍ଚି ଯାଇଥିଲା । କାର୍ସ ମଧ ଦୁଇଟି ଜୀବନ ଦାନ ପାଇ ୫୬ ରନ୍ କରିଥିଲେ । ଏହି ଦୁଇ ଅର୍ଦ୍ଧଶତକ ଭାରତ ପରାଜୟର ଅନ୍ୟତମ କାରଣ ଥିଲା ।

## ପନ୍ତଙ୍କ ରନ୍‌ଆଉଟ୍

ପ୍ରଥମ ପାଳିରେ ୱିକେଟରକ୍ଷକ ଋଷଭ ପନ୍ତଙ୍କ ରନ୍‌ଆଉଟ୍ ଏହି ମ୍ୟାଚର ଅନ୍ୟତମ ନିର୍ଣ୍ଣାୟକ ମୋଡ଼ ଥିଲା । ଏକଥା ଅଧିନାୟକ ଶୁବମନ ଗିଲ୍ ମଧ ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଥିଲେ । ଚମତ୍କାର ବ୍ୟାଟିଂ କରୁଥିଲା ବେଳେ ସିଙ୍ଗଲ୍ ଚୋରାଇ ନେଇ କେଏଲ୍ ରାହୁଲଙ୍କୁ ଶତକ ପୂରଣ କରିବା ସୁଯୋଗ ଦେବା ପ୍ରୟାସରେ ପନ୍ତ ନିଜ ୱିକେଟ୍ ହରାଇଥିଲେ । ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସିଧା ଥ୍ରୋ ଷ୍ଟମ୍ପକୁ ଭାଙ୍ଗିବା ବେଳକୁ ସେ କ୍ରିଜରେ ପହଞ୍ଚି ନଥିଲେ । ଫଳରେ ୭୪ ରନରେ ରନ୍‌ଆଉଟ୍ ହୋଇ ପ୍ୟାଭିଲିୟନ୍ ଫେରିଥିଲେ । ରାହୁଲଙ୍କ ସହ ଚତୁର୍ଥ ୱିକେଟରେ ସେ ୧୪୧ ରନ୍ ଯୋଡ଼ିଥିଲେ । ତେବେ ପନ୍ତ ଭଲ ଫର୍ମରେ ଥିବାରୁ ସେ ରନ୍‌ଆଉଟ୍ ହୋଇ ନଥିଲେ ଏହି ଯୋଡ଼ି ଆହୁରି ବଡ଼ ଭାଗୀଦାରି କରିପାରିଥା'ନ୍ତେ । କାରଣ ରାହୁଲ ଓ ପନ୍ତ ଓଭର ପିଛା ସାଢ଼େ ୪ରୁ ଅଧିକ ହାରରେ ରନ୍ ସଂଗ୍ରହ କରୁଥିଲେ । ପନ୍ତଙ୍କ ରନ୍‌ଆଉଟ୍ ପରେ ଏକଦା ଚାପରେ ଥିବା ଇଂଲଣ୍ଡ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତକୁ ୩୮୭ ରନରେ ଅଲଆଉଟ୍ କରି ଦେଇଥିଲା ।

# କିଙ୍ଗ୍ ଚାର୍ଲସଙ୍କୁ ସହ ଭେଟ

ଭାରତୀୟ ପୁରୁଷ ଓ ମହିଳା ଦଳର କ୍ରିକେଟର ଇଂଲଣ୍ଡର ରାଜା କିଙ୍ଗ୍ ଚାର୍ଲସ୍‌ଙ୍କୁ ଲଣ୍ଡନସ୍ଥିତ କ୍ଲିଅରାନ୍ସ ହାଉସ୍ ବାସଭବନରେ ଭେଟିଥିଲେ । ଏହି ଅବସରରେ ଲର୍ଡସ ଟେଷ୍ଟ ଫଳାଫଳକୁ ନେଇ କିଙ୍ଗ୍ ଚାର୍ଲସ ଗିଲ୍ ବାହିନୀ ସହ ଆଲୋଚନା କରିଥିଲେ । ମହମ୍ମଦ ସିରାଜ ଯେଭଳି ଭାବେ ଆଉଟ୍ ହେଲେ, ତାହା ଦୁର୍ଭାଗ୍ୟଜନକ ବୋଲି ଭାରତୀୟ ଖେଳାଳିଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଥିଲେ । କିଙ୍ଗ୍ ଚାର୍ଲସଙ୍କୁ ଭେଟିବା ସମ୍ମାନର ବିଷୟ । ସେ ଆମ ସହ ଲର୍ଡସ ଟେଷ୍ଟକୁ ନେଇ ସଂକ୍ଷିପ୍ତ ଆଲୋଚନା କରିଥିଲେ ବୋଲି ଗିଲ ସୂଚନା ଦେଇଥିଲେ ।



ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ସାଇନା ନେହୱାଲ । ତାଙ୍କ ସ୍ୱାମୀ ପାରୁପଲ୍ଲୀ କଶ୍ୟପ । ସାତ ବର୍ଷର ବୈବାହିକ ଜୀବନ ପରେ ବିବାହ ବିଚ୍ଛେଦର ନିଷ୍ପତ୍ତି ନେଇଛନ୍ତି । ସାଇନା ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଏହି ଖବର ପ୍ରଶଂସକମାନଙ୍କୁ ଜଣାଇଥିଲେ । ଯାହା ପରେ ସେ ଚର୍ଚ୍ଚାରେ ରହିଛନ୍ତି । ପ୍ରଶଂସକମାନେ ଏହି ଷ୍ଟାର ଖେଳାଳିଙ୍କ ଜୀବନର ପ୍ରତ୍ୟେକ ଦିଗ ବିଷୟରେ ଜାଣିବାକୁ ଆଗ୍ରହୀ । ଏହି ଷ୍ଟାର ଖେଳାଳିଙ୍କ ପାଖରେ ଆଲିଶାନ ଘର ସହିତ ମହଙ୍ଗା ଗାଡ଼ି ପ୍ରତି ମଧ୍ୟ ବେଶ୍ ଆଗ୍ରହ ରହିଛି । ଆସନ୍ତୁ ଜାଣିବା ସାଇନାଙ୍କ ବିଳାଶପୂର୍ଣ୍ଣ ଜୀବନ ବିଷୟରେ ।





# ମହଙ୍ଗା ଲାଇଫଷ୍ଟାଇଲ

ବ୍ୟାଡମିଣ୍ଟନ ସୁପରଷ୍ଟାର ସାଇନା ନେହୱାଲ ବାର୍ଷିକ ପ୍ରାୟ ୫ କୋଟି ଟଙ୍କା ରୋଜଗାର କରନ୍ତି । ବର୍ତ୍ତମାନ ତାଙ୍କ ନେଟ୍ ୱର୍ଥ ୩୬ କୋଟି ଟଙ୍କା ବୋଲି କୁହାଯାଉଛି । ସାଇନା ବିଶ୍ୱର ତୃତୀୟ ସବୁଠାରୁ ଧନୀ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅଟନ୍ତି । ସେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ, ବିଜ୍ଞାପନ ଓ ବ୍ୟକ୍ତିଗତ ନିବେଶ ଜରିଆରେ ରୋଜଗାର କରନ୍ତି । ଏହା ସହିତ ସାଇନାଙ୍କର 'ନାରିକ' ନାମକ ଏକ ବ୍ରାଣ୍ଡ ରହିଛି । ଯେଉଁଥିରେ ସେ ନିଜେ ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି । ହରିୟାଣାର ହିସାରରେ ଜନ୍ମଗ୍ରହଣ କରିଥିବା ସାଇନା ଛୋଟବେଳୁ ହାଇଦ୍ରାବାଦରେ ରହୁଛନ୍ତି । ୨୦୧୫ରେ ସେ ଏହି ସହରରେ ୫ କୋଟି ଟଙ୍କାର ଏକ ଆଲିଶାନ ଘର କିଣିଥିଲେ, ଯେଉଁଥିରେ ସମସ୍ତ ଆଧୁନିକ ସୁବିଧା ଉପଲବ୍ଧ ।

ଷ୍ଟାର ଖେଳାଳି ସାଇନାଙ୍କ ପାଖରେ ମର୍ସିଡିଜ ଏଏମଜି ଜିଏଲଇ ୬୩ କାର ରହିଛି । ଯାହାକୁ ସେ ୨୦୨୩ରେ ୨ କୋଟି ଟଙ୍କାରେ କିଣିଥିଲେ । ଏହା ସହିତ ତାଙ୍କ ପାଖରେ ୪୦ରୁ ୫୦ ଲକ୍ଷ ଟଙ୍କା ମୂଲ୍ୟର ମିନି କୂପର କାର ମଧ୍ୟ ରହିଛି । ଏହା ଛଡ଼ା ସାଇନାଙ୍କ ପାଖରେ ୫୦ ଲକ୍ଷ ଟଙ୍କା ମୂଲ୍ୟର ବିଏମଡବ୍ଲ୍ୟୁ ଓ ମର୍ସିଡିଜ ବେଞ୍ଜ କାର ମଧ୍ୟ ଅଛି । ୨୦୧୨ ଲଣ୍ଡନ ଓଲିମ୍ପିକ୍ସରେ ବ୍ରୋଞ୍ଜର ପଦକ ଜିତିଥିବା ସାଇନାଙ୍କୁ ଅର୍ଜୁନ ପୁରସ୍କାର, ପଦ୍ମଶ୍ରୀ ଓ ଭାରତ ସରକାରଙ୍କ ତରଫରୁ ଖେଳ ରତ୍ନ ସମ୍ମାନ ମିଳିଛି । ସାଇନାଙ୍କ ଏହି ସଫଳତା ଓ ଆଲିଶାନ ଜୀବନଶୈଳୀ ତାଙ୍କୁ କ୍ରୀଡ଼ା ଜଗତରେ ଏକ ଅନନ୍ୟ ପରିଚୟ ଦେଇଛି । ବିବାହ ବିଚ୍ଛେଦ ପରେ ମଧ୍ୟ ସାଇନା ନିଜ କ୍ୟାରିୟର ଓ ବ୍ୟକ୍ତିଗତ ଜୀବନରେ ଆଗକୁ ବଢ଼ିବାକୁ ପ୍ରସ୍ତୁତ ଅଛନ୍ତି ।

# ଅଲିମ୍ପିକ୍ସରେ କ୍ରିକେଟ୍

ଦୀର୍ଘ ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ ଫେରିଛି । ଲସ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍ ଆୟୋଜିତ ହେବାକୁ ଯାଉଛି । ଲଞ୍ଜ ଏଞ୍ଜେଲ୍ସଠୁ ପାଖାପାଖି ୫୦ କିଲୋମିଟର ଦୂର ପୋମେନା ସହରର ଫେୟାରଗ୍ରାଉଣ୍ଡସ ଷ୍ଟାଡିୟମରେ ଅଲିମ୍ପିକ୍ସରେ କ୍ରିକେଟ୍ ମ୍ୟାଚ୍ ଜୁଲାଇ ୧୨ରୁ ଖେଳାଯିବ । ପଦକ ମ୍ୟାଚ୍ ଜୁଲାଇ ୧୯(ଭାରତରେ ଜୁଲାଇ ୨୦) ଓ ଜୁଲାଇ ୨୯ରେ ଏହି ପଡ଼ିଆରେ ଆୟୋଜିତ ହେବ । ଏହାର ଆନୁଷ୍ଠାନିକ ଭାବେ କ୍ରୀଡ଼ାସୂଚୀ ଘୋଷଣା କରାଯାଇ ନାହିଁ । ଏହା ମଧ୍ୟ ସ୍ଥିର ହୋଇ ନାହିଁ ଯେ କେଉଁ ଦଳ ଏଥିରେ ଖେଳିବେ । ପୁରୁଷ ଓ ମହିଳା ବର୍ଗର ମୋଟ୍ ଛଅ ଛଅ ଟିମ୍ ଏବଂ ୧୮୦ ଖେଳାଳି ଅଲିମ୍ପିକ୍ସରେ କ୍ରିକେଟର ସବୁଠୁ ଛୋଟ ଫର୍ମାଟ୍ ଟି-୨୦ରେ ଭାଗ ନେବେ । ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅନୁସାରେ ଗୋଟିଏ ଦିନରେ ସର୍ବାଧିକ ୨ଟି ମ୍ୟାଚ୍ ଖେଳାଯିବ । ଜୁଲାଇ ୧୪ ଓ ୨୧ରେ କୌଣସି ମ୍ୟାଚ୍ ନାହିଁ । ଅଲିମ୍ପିକ୍ସରେ ଏହା ପୂର୍ବରୁ ଥରୁଟିଏ ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା । ସେହି ସମୟରେ କେବଳ ଦୁଇଟି ଦଳ ଗ୍ରେଟ୍ ବ୍ରିଟେନ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ । ଗ୍ରେଟ୍ ବ୍ରିଟେନ ପ୍ରତିଯୋଗିତାରେ ମାତ୍ର ଗୋଟିଏ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ଜିତିଥିଲା ।



ପୁରୁଷ ଓ ମହିଳା ଟିମ୍ ୧୫ ଜଣିଆ ଦଳ ଘୋଷଣା କରି ପାରିବେ । କାରଣ ଉଭୟ ବର୍ଗ ପାଇଁ ମୋଟ୍ ୧୮୦ ଖେଳାଳି ସାମିଲ ହେବେ । ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) କ୍ରିକେଟ୍, ବେସବଲ, ଫ୍ଲାଗ ଫୁଟବଲ, ଲ୍ୟାକ୍ରୋସ ଓ ସ୍କ୍ୱାଶକୁ ୨୦୨୮ ଅଲିମ୍ପିକ୍ସରେ ସାମିଲ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲା । ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଆନୁଷ୍ଠାନିକ ଭାବେ ୨୦୨୮ ଜୁଲାଇ ୧୪ରୁ ଜୁଲାଇ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ । ମାତ୍ର କ୍ରିକେଟର କିଛି ମ୍ୟାଚ୍ ଆଗରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ଜୁଲାଇ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ପଦକ ପାଇଁ ମ୍ୟାଚ୍ ଜୁଲାଇ ୨୦(ଆମେରିକାରେ ଜୁଲାଇ ୧୯)ରେ ଖେଳାଯିବ । ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜୁଲାଇ ୨୨ରୁ ୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଫାଇନାଲ୍ ମୁକାବିଲା ଜୁଲାଇ ୨୯ରେ ଖେଳାଯିବ । ଜୁଲାଇ ୩୦ରେ ଅଲିମ୍ପିକ୍ସର ଉଦଯାପନୀ ଉତ୍ସବ ହେବ ।

**ନିକଟରେ ଚେସ୍‌ରେ ଜଣେ ଭାରତୀୟ ଖେଳାଳୀ ସାରା ବିଶ୍ୱରେ ପରିଚିତ ହୋଇପାରିଛନ୍ତି, ସେ ହେଲେ ଗୁକେଶ ଦୋମ୍ମରାଜୁ । ସେ ଚେସ୍‌ରେ ବିଶ୍ୱ ଚାମ୍ପିଅନ ହୋଇ ଭାରତର ନାଁକୁ ଖୁବ ଆଗକୁ ନେଇଛନ୍ତି । ବର୍ତ୍ତମାନ ସାରା ବିଶ୍ୱରେ ଚେସ୍ ଖେଳାଳୀଙ୍କ ପାଇଁ ସେ ସାଜିଛନ୍ତି ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ।**

# ଚାମ୍ପିଅନ ଚେସ୍ ମାଷ୍ଟର

ଗୁକେଶ ଦୋମ୍ମରାଜୁ ଗୁକେଶ ଡି ନାମରେ ସାରା ଭାରତରେ ପରିଚିତ । ୨୬ମେରେ ଖେଳାଯାଇଥିବା ନରୱେ ଚେସରେ ସେ ମ୍ୟାଗ୍‌ନସ୍ କାର୍ଲସନ୍‌କୁ ହରାଇ ୱାର୍ଲ୍ଡ ଚାମ୍ପିଅନ ହୋଇଥିଲା । ଯାହା ପରେ ସେ ସାରା ବିଶ୍ୱରେ ଚର୍ଚ୍ଚିତ ଚେହେରା ପାଲଟିଥିଲେ । ସେ ଚେସ ଗ୍ରାଣ୍ଡମାଷ୍ଟର ଏବଂ ବର୍ତ୍ତମାନର ଚେସ ବିଶ୍ୱ ଚମ୍ପିଅନ । ଗୁକେଶ ସର୍ବକନିଷ୍ଠ ବିଶ୍ୱ ଚେସ ଚମ୍ପିୟାନ ଅଟନ୍ତି । ଫିଡ଼େର ୨୭୫୦ ପଏଣ୍ଟର ଇଲୋ ରେଟିଂ ପାର କରିବାରେ ମଧ୍ୟ ସେ ସର୍ବକନିଷ୍ଠ ଅଟନ୍ତି । ସେ ଏହି କୀର୍ତ୍ତିମାନ ୧୭ ବର୍ଷ ବୟସରେ



ହାସଲ କରିଥିଲେ । ସେହିପରି ଫିଡ଼େର ୨୭୦୦ ପଏଣ୍ଟ ପାର କରିବାରେ ସେ ବିଶ୍ୱର ତୃତୀୟ ସର୍ବକନିଷ୍ଠ ।୧୨ ବର୍ଷ ବୟସରେ ସେ ଗ୍ରାଣ୍ଡମାଷ୍ଟର ହାସଲ କରିଥିଲେ ଓ ଏହା ହାସଲ କରିବାରେ ବିଶ୍ୱର ତୃତୀୟ ସର୍ବକନିଷ୍ଠ ବ୍ୟକ୍ତି ପାଲଟିଥିଲେ । ଗୁକେଶ ୭ ବର୍ଷ ବୟସରେ ଚେସ ଖେଳିବା ଆରମ୍ଭ କରିଥିଲେ । ୨୦୧୮ ମସିହାରେ ସେ ୧୨ ବର୍ଷରୁ କମ ବିଭାଗର ବିଶ୍ୱ ଯୁବ ଚେସ ଚାମ୍ପିଅନସିପ ଜିତିଥିଲେ, ସେହି ବର୍ଷ ସେ ଏସୀୟ ଯୁବ ଚେସ ଚାମ୍ପିଅନସିପରେ ଏକାଧିକ ସ୍ୱର୍ଣ୍ଣପଦକ ଜିତିଥିଲେ । ୨୦୧୭ ମସିହା ମାର୍ଚ୍ଚ ମାସ ବେଳକୁ ମାତ୍ର ୧୨ ବର୍ଷ ବୟସରେ ସେ ଇଣ୍ଟନେସନାଲ ମାଷ୍ଟର ହେବାର ଯୋଗ୍ୟତା ହାସଲ କରିସାରିଥିଲେ । ଏହିଭଳି ତାଙ୍କ ନାମରେ ଅନେକ ରେକର୍ଡ ସାମିଲ ରହିଛି ।

ଗୁକେଶ ୨୦୧୩ ମସିହାରେ ୭ ବର୍ଷ ବୟସରେ ଚେସ ଖେଳିବା ଆରମ୍ଭ କରିଥିଲେ । ସେ ବିଧିବଦ୍ଧ ଭାବରେ ସପ୍ତାହକୁ ୩ଟି ଘଣ୍ଟିକିଆ ପ୍ରଶିକ୍ଷଣରେ ଯୋଗଦେଇଥିଲେ । ୨୦୧୭ ମସିହାରେ ତାଙ୍କ ପିତା ଚାକିରି ଛାଡ଼ି ଗୁକେଶଙ୍କୁ ନେଇ ପ୍ରତି ଟୁର୍ଣ୍ଣାମେଣ୍ଟରେ ଖେଳାଇଥିଲେ । ସେତେବେଳେ ଗୁକେଶଙ୍କ ମାତାପିତାଙ୍କ ବନ୍ଧୁମାନେ ଗୁକେଶଙ୍କ ସମସ୍ତ ଖର୍ଚ୍ଚ ଉଠାଉଥିଲେ ବୋଲି ସୂଚନା ରହିଛି । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ତାଙ୍କ ପ୍ରତିଭା ପିଲାଦିନୁ ହିଁ ଜଣା ପଡିଥିଲା । ଗୁକେଶଙ୍କ ଜନ୍ମ ୨୦୦୬ ମସିହା ମଇ ମାସ ୨୯ତାରିଖରେ ଚେନ୍ନାଇରେ ହୋଇଥିଲା । ତାଙ୍କ ମା ପଦ୍ମାବତୀ ଜଣେ ମାଇକ୍ରୋ ବାୟୋଲିଜିଷ୍ଟ ଓ ପିତା ରଜନୀକାନ୍ତ ଜଣେ ଡାକ୍ତର । ଗୁକେଶ ଚେନ୍ନାଇର ମେଲ ଅୟନବକ୍କମରେ ଥିବା ବେଲମ୍ମଲ ବିଦ୍ୟାଳୟରେ ପାଠ ପଢ଼ିଥିଲେ । ଆଗକୁ ଭାରତର ନାଁକୁ ବିଶ୍ୱ ଚେସ୍‌ରେ ଆହୁରି ଆଗକୁ ନେବାକୁ ଆଶା ରଖିଛନ୍ତି ଗୁକେଶ ।